



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**୫୦% ଟ୍ରମ୍ପ ଟାରିଫ୍**

## ଦେଶର ୧୦ ଲକ୍ଷରୁ ଅଧିକ ଚାକିରି ବିପଦରେ

■ ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପ୍ରଭାବିତ ଦ୍ୱାରା ଦେଶର

- **ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ**
- **ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା**

୧୦ ଲକ୍ଷ ନିଯୁକ୍ତି ସଙ୍କଟଗ୍ରସ୍ତ ହୋଇଛି। ବିଶେଷକରି ଏହି ରପ୍ତାନୀଗୁଡ଼ିକ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କ ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା। ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ଚାପଗ୍ରସ୍ତ ଅଛି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୂତନ ଶୁଳ୍କ ଏହି ସମ୍ପର୍କଗୁଡ଼ିକୁ ଅଧିକ ଆହ୍ୱାନପୂର୍ଣ୍ଣ କରିପାରେ। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଏକ ବଡ଼ ଝଟକା ଲାଗିପାରେ, କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର। ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି।

ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ। ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି। ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ। ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ▶ପୃଷ୍ଠା-୭

### ସୁରତ, ତିରୁପୁରରେ ସୂତା କଳ ବନ୍ଦ

■ ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ଚଡ଼ା ଶୁଳ୍କ ଯୋଗୁଁ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି ପୋଷାକ ଶିଳ୍ପ। ପୂର୍ବରୁ ଭିଏତନାମ ଏବଂ ବାଂଲାଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ଭାରତର ଏହି ଶିଳ୍ପ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଆଜିଠାରୁ ନୂଆ ଶୁଳ୍କ ଲାଗୁ ହେବାପରେ ତତ୍କ୍ଷଣାତ୍ ଏହାର ପ୍ରଭାବ ଗୁଜରାଟର ସୁରତ୍, ତାମିଲନାଡୁର ତିରୁପୁର ଓ ନୋଇଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବୟନ ଓ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିବା ଆରମ୍ଭ କରିଦେଇଛନ୍ତି। ଫଳରେ ଏହି ଶିଳ୍ପରେ ନିଯୁକ୍ତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ବିଶେଷ କରି ଓଡ଼ିଶାରୁ ପ୍ରାୟ ୫ ଲକ୍ଷ ଶ୍ରମିକ ଏହିସବୁ ସୂତା କଳରେ କାମ କରୁଛନ୍ତି। ଏହି ଶିଳ୍ପ ହଠାତ୍ ଉତ୍ପାଦନ ବନ୍ଦ କରିଦେଇଥିବାରୁ ଏହି ଶ୍ରମିକମାନଙ୍କ ଉପରେ ଚଡ଼କ ପଡ଼ିଛି। କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି। ଭାରତୀୟ ରପ୍ତାନି ସଂଗଠନ ମହାସଂଘ ସଭାପତି ଏସ୍.ସି.ରାଲହାନ କହିଛନ୍ତି ଯେ ପୋଷାକ ଶିଳ୍ପ ଭିନ୍ନ ଭାରତୀୟ ସାମୁଦ୍ରିକ ଖାଦ୍ୟ ବିଶେଷ କରି ଚିଙ୍ଗୁଡ଼ି ରପ୍ତାନୀ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଯେହେତୁ ଆମେରିକା ବଜାରର ମୋଟ ଆବଶ୍ୟକତାର ୪୦% ଭାରତରୁ ରପ୍ତାନୀ ହୋଇଥାଏ, ଶୁଳ୍କ ବୃଦ୍ଧି ଏହାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ସେ କହିଛନ୍ତି ।


**ଲଘୁଚାପ ଘନୀଭୂତ**

## ଦକ୍ଷିଣରେ ବନ୍ୟା ଆଶଙ୍କା

■ ଭୁବନେଶ୍ୱର,୨୭।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୭୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି। ▶ପୃଷ୍ଠା-୭

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ନବୀନ



■ ଭୁବନେଶ୍ୱର,୨୭।୮ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବଲପୁରୀ ଭାଷାରେ ନବୀନ ଏକ ଭିଡିଓ ବାର୍ତ୍ତାରେ ନୂଆଁଖାଇ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, "ନୂଆଁଖାଇ ଅବସର୍‌ଥି ଆପଣମାନ୍‌କେ ସମ୍‌କେ ମୋର୍ ଜୁହାର୍। ମାଁ ସମ୍‌ଲେଇ କୃପା ଆପଣମାନ୍‌ଙ୍କର୍ ସମ୍‌ଙ୍କର୍ ଉପରେ ବର୍ଷୁଥାଉ। ଆପଣମାନ୍‌ଙ୍କର୍ ଜୀବନ ସୁଖ୍ ସମୃଦ୍ଧିରେ ଭରିଯାଉ। ଏତ୍‌କି ଗୁହାରି କରୁଛେ। ଜୟ ମାଁ ସମଲେଶ୍ୱରୀ"।


**ଲଗାଣ ବର୍ଷାରେ ବୁଡ଼ିଗଲା ରାଜପଥ**

## କାର୍ ସହ ଭାସିଗଲେ ପରିବାରର ୪



■ ମାଲକାନଗିରି,୨୭।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି।

ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ। ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ। ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା। କାର୍ ଚାଳକ କୌଶଳ କ୍ରମେ ବଞ୍ଚି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ। ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି। ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମୃତକମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।







ସକାଳ
THE SAKALA
www.sakalaepaper.com

# ରଣଭାର ପାଇଁ ପୁଅକୁ ବିଷ ପିଆଇ ଜୀବନ ହାରିଲେ ଦମ୍ପତି

ନୂଆଦିଲ୍ଲୀ, ୨୭।୮(ଏଜେନ୍ସି): ଉତ୍ତରପ୍ରଦେଶ ଶାହାରାନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ରଣଭାରରେ ବୁଡିଥିବା ପୋଷାକ ବ୍ୟବସାୟୀ ସଚ୍ଚିନ ଗ୍ରୋଭର (୩୦) ତାଙ୍କ ପତ୍ନୀ ଶିବାନୀ (୨୮) ମଙ୍ଗଳବାର ରାତିରେ ନିଜର ୪ ବର୍ଷର ପୁଅ ଫତେକୁ ବିଷ ପିଆଇ ନିଜେ ଆତ୍ମହତ୍ୟା କରିଛନ୍ତି। ପୁଅର ମୃତଦେହ ଗାଧୁଆ ଘରେ ଉଦ୍ଧାର କରାଯାଇଥିବାବେଳେ ସ୍ୱାମୀସ୍ତ୍ରୀଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବାର ଦେଖାଯାଇଥିଲା। ଘଟଣାସ୍ଥଳରୁ ମିଳିଥିବା ସୁଇସାଇଡ ନୋଟରେ ଆୟର ଅଭାବ ଓ ରଣଭାର ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲୁ ବୋଲି କୁହାଯାଇଛି।

## ଗୁଗୁଲ ମ୍ୟାପ୍ ନେଲା ୩ ଜୀବନ

ଜୟପୁର, ୨୭।୮(ଏଜେନ୍ସି): ଗୁଗୁଲ ମ୍ୟାପ୍ ମୃତ୍ୟୁଯନ୍ତା ପାଲଟି ଯାଇଛି। ଏହି ଆପ୍‌କୁ ଭରସା କରିବାରୁ ରାଜସ୍ଥାନ ଚିତୋରଗଡ଼ରେ ତିନି ଜଣଙ୍କ ଜୀବନ ନେଇଛି। ଗୁଗୁଲ ମ୍ୟାପ୍ ଭୁଲ୍ ରାସ୍ତା ଦେଖାଇବାରୁ ୯ ଜଣଙ୍କୁ ନେଇ ଯାଉଥିବା ଭ୍ୟାନ୍ ରାତିରେ ବାଟବଣା ହୋଇ ୩ ବର୍ଷ ହେଲା ବନ୍ଦଥିବା ଏକ ଭଙ୍ଗା ପୋଲ ଉପରୁ କେନାଲକୁ ଖସି ପଡ଼ିଥିଲା। ପରେ ୫ ଜଣ ସଂଘର୍ଷ କରି ପାଣି ଭିତରୁ ବାହରକୁ ବାହରି ଆସିଥିଲେ। ମାତ୍ର ୨ଜଣ ମହିଳା ଓ ୪ ବର୍ଷର ଶିଶୁକନ୍ୟା ବାହାରି ନ ପାରିବାରୁ ପ୍ରାଣ ହରାଇ ଥିଲେ। ଅନ୍ୟ ଜଣେ ମହିଳା ମଧ୍ୟ ନିଖୋଜ ଅଛନ୍ତି। ଏହି ଭ୍ୟାନ ରାତିରେ ଯିବାବେଳେ ଗାଁ ଲୋକେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଗୁଗୁଲ ମ୍ୟାପ୍‌କୁ ଭରସା କରି ଏମାନେ ଆଗେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଆମେରିକା ସ୍କୁଲ୍‌ରେ ଗୁଳିକାଣ୍ଡ; ୩ ମୃତ

ସେଣ୍ଟ ପଲ୍, ୨୭।୮(ଏଜେନ୍ସି): ଆମେରିକାର ସ୍କୁଲ୍‌ରେ ପୁଣି ଏକ ଅଘଟଣ ହୋଇଛି। ମିନେସୋଟା ରାଜ୍ୟର ମିନିଏପଲିସ୍ କ୍ୟାଥଲିକ୍ ସ୍କୁଲ୍‌ରେ ବୁଧବାର ସକାଳେ ହୋଇଥିବା ଗୁଳିକାଣ୍ଡରେ ସୁଟର ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୨୦ଜଣ ଆହତ ହୋଇଛନ୍ତି। ସକାଳେ ପିଲାମାନେ ଏକାଠି ହେବା ବେଳେ ସୁଟରଜଣକ ଗୁଳି ଚଳାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ସୁଟରଜଣକ ପୁଲିସ ଗୁଳିରେ ମୃତ୍ୟୁବରଣ କରିଛି। ସ୍କୁଲ୍‌କୁ ତୁରନ୍ତ ଖାଲି କରାଯାଇଥିଲା ଓ ଆମ୍ବୁଲାନ୍ସ ଯୋଗେ ଆହତ ହୋଇଥିବା ଛାତ୍ରମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ଘଟଣା ସମ୍ପର୍କରେ ମିନେସୋଟା ଗଭର୍ଣ୍ଣର ଅବଗତ କରାଇଛନ୍ତି।

# ଭାରତ, ଚୀନ୍, ପାକିସ୍ତାନରେ ଜଳ ପ୍ରଳୟ



ନୂଆଦିଲ୍ଲୀ, ୨୭।୮(ଏଜେନ୍ସି): ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ଏଥିପାଇଁ ଧନଜୀବନ ହାନି ହେବା ସହ ଜୀବିକା ମଧ୍ୟ ଧ୍ୱଂସ ହେଉଛି। ଏହି ଅଞ୍ଚଳରେ ଅତ୍ୟଧିକ ତଥା ପ୍ରବଳ ବର୍ଷା କାରଣରୁ ଏପରି ହେଉଛି। ତେବେ ଏହି ଅଞ୍ଚଳରେ ଏତେ ବର୍ଷା କାହିଁକି ହେଉଛି ସେ ନେଇ ଏବେ ପ୍ରଶ୍ନ ଉଠୁଛି। ବର୍ଷା କାରଣରୁ ଭୟଙ୍କର ଭୂସ୍ଖଳନ ହେଉଛି। ଏଭଳି ଭୂସ୍ଖଳନ ହିମାଳୟ ଉପତ୍ୟକାରେ ଅବସ୍ଥିତ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟରେ ଅଧିକ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାପକ ଜନଜୀବନ ହାନୀ ହେବା ସହ ରାସ୍ତାଘାଟ କ୍ଷତିଗ୍ରସ୍ତ ହେଉଛି। ଦ୍ରୁତ ସହରିକରଣ, ଔଦଗିକକରଣ, ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଙ୍ଗା ନଦୀର ଜଳସ୍ତର ବୃଦ୍ଧିପାଉଥିବାରୁ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଅସ୍ୱାଭାବିକ ଭାବେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ତାୱି, ଚେନାବ ଓ ବସନ୍ତାର ନଦୀରେ ବାରମ୍ବାର ପ୍ରବଳ ବନ୍ୟା ଦେଖିବାକୁ ମିଳିଛି ଓ ତଳିଆ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳିଛି।

**ଦକ୍ଷିଣ ଏସିଆରେ କାହିଁକି ହେଉଛି ଅସ୍ୱାଭାବିକ ବର୍ଷା ?**

ପାକିସ୍ତାନର ଉତ୍ତରାଞ୍ଚଳ ଯଥା ଖାଇବର ପଖତୁନଖ୍ୱା (କେପିକେ), ଗିଲଗିଟ ବାଲ୍ଟିସ୍ତାନ ଓ ପଞ୍ଜାବ ବନ୍ୟା ଯୋଗୁଁ ଅଧିକ କ୍ଷତଗ୍ରସ୍ତ ହେଉଛି। ସେହିପରି ଚୀନ୍‌ରେ ଗତ ଦୁଇମାସ ହେବ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ମୋଟ୍ ଉପରେ ୧.୮୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବର୍ଷା ଦିନେ ଏହି ଅଞ୍ଚଳରେ ସ୍ୱାଭାବିକ୍ ଭାବେ ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାର ପରିମାଣ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏ ନେଇ ଗହନ ଯାଞ୍ଚର ଆବଶ୍ୟକତା ରହିଛି। ସମଗ୍ର ଅଞ୍ଚଳରେ ବର୍ଷାର ଆପେକ୍ଷିକ ସ୍ଥାନ, ସମୟ ଓ ପରିମାଣରେ ପରିବର୍ତ୍ତନ ହୋଇଛି। ତାପମାତ୍ରା ବୃଦ୍ଧି ଯୋଗୁଁ ମୌସୁମୀ ଏବେ ଦକ୍ଷିଣ ଆଡକୁ ମୁହାଁଇଥିବା ଲକ୍ଷ୍ୟ କରାଯାଇଛି। ଏହି କ୍ରମରେ ଭାରତର ଉତ୍ତରାଞ୍ଚଳ ରାଜ୍ୟ ଅପେକ୍ଷା ରାଜସ୍ଥାନ ଓ ଗୁଜରାଟରେ ଅଧିକ ବର୍ଷା ହୋଇଛି। ତାପବୃଦ୍ଧି ହେବା ସହ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତାଠାରୁ ଅଧିକ ଆଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ପରିଲକ୍ଷିତ ହେଉଛି। ସେହିପରି ଭୂପୃଷ୍ଠ ଜଳରେ ଅତ୍ୟଧିକ ବାଷ୍ପିକରଣ ଯୋଗୁଁ ମଧ୍ୟ ଅଧିକ ବର୍ଷା ହେଉଛି। ପାକିସ୍ତାନର ଉତ୍ତରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି। ତାପମାତ୍ରରେ ବୃଦ୍ଧି କାରଣରୁ ପାକିସ୍ତାନ ଓ ଉତ୍ତରପଶ୍ଚିମ ଭାରତରେ ଲଘୁଚାପ ସୃଷ୍ଟି ହେଉଛି। ଉଚ୍ଚ ଚାପଯୁକ୍ତ ଅଞ୍ଚଳରୁ ନିଚ୍ଚ ଚାପଯୁକ୍ତ ଅଞ୍ଚଳକୁ ବାୟୁ ସଞ୍ଚାଳିତ ହେବାରୁ ପ୍ରବଳ ବର୍ଷା ହେଉଛି। ପୁଣି ଦକ୍ଷିଣ ଏସିଆରେ ଖରାପ ଜଳ ସଂରକ୍ଷଣ ଓ ପ୍ରବନ୍ଧନ କାରଣରୁ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ ସୂଚନା ଯୋଗୁଁ ଜୀବନ ହାନୀ ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଧନସମ୍ପତ୍ତି କ୍ଷୟକ୍ଷତିକୁ ରୋକା ଯାଇପାରୁନାହିଁ। ତେଣୁ ପ୍ରକୃତିର ତାଣ୍ଡବରୁ ରକ୍ଷା ପାଇବାକୁ ହେଲ ପ୍ରକୃତିକୁ ସମ୍ମାନ ଦେବାର ସମୟ ଆସି ଉପନୀତ ହୋଇଛି।

## ଅଧା ସାଂସଦ, ବିଧାୟକଙ୍କ ନାମରେ ମାମଲା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାର ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏପରି ସମୟରେ ଚିନ୍ତା ଜନକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶର ଅଧା ସାଂସଦ ଏବଂ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ଗତ ୧୫ ବର୍ଷରେ ୧୬% ବୃଦ୍ଧି ପାଇଛି। ୨୦୦୯ରେ ୩୦ % ସାଂସଦଙ୍କ ଉପରେ ଆପରାଧିକ ମାମଲା ଥିଲା। ଏମାନଙ୍କ ମଧ୍ୟରୁ ୧୪ %ଙ୍କ ଉପରେ ଗମ୍ଭୀର ମାମଲା ରହିଥିଲା। ୨୦୧୪ରେ ଏହା ଏକ ତୃତୀୟାଂଶ ଏବଂ ଗମ୍ଭୀର ମାମଲା ଏକ ପଞ୍ଚମାଂଶ ହୋଇଥିଲା। ସେହିପରି ୨୦୧୯ରେ ୪୩%ଏବଂ ଗମ୍ଭୀର ମାମଲା ୨୯% ଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଅଧିକ ବୃଦ୍ଧି ପାଇଥିଲା। ଏବେ ୪୬ % ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ମଧ୍ୟରୁ ୩୧%ଙ୍କ ଉପରେ ଗମ୍ଭୀର ମାମଲା ରୁଜୁ ହୋଇଛି। ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ସାରା ଦେଶର ୪୫ ପ୍ରତିଶତ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ମହିଳା ସମ୍ବନ୍ଧିତ ଅପରାଧରେ ପଶ୍ଚିମବଙ୍ଗ (୨୩ ବିଧାୟକ) ଆଗରେ ରହିଛି। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ (୨୧ ବିଧାୟକ) ସ୍ଥାନରେ ଅଛି। ସେହିପରି ଓଡ଼ିଶାର ୧୬ ଜଣ, ମହାରାଷ୍ଟ୍ରର ୧୦ ଜଣ ଏବଂ ବିହାର ୮ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ମାମଲା ରହିଛି। ସେହିପରି ଦେଶର ୪୫ % ବିଧାୟକ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୯ ପ୍ରତିଶତଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି।

**ଦେଶରେ ଆପରାଧିକ ରେକର୍ଡ ଥିବା ସାଂସଦଙ୍କ ସଂଖ୍ୟା ୧୬% ବୃଦ୍ଧି**

## ଯୌତୁକ ହତ୍ୟା ମାମଲାର ମୋଡ଼ ବଦଳିଲା

ନୋଏଡ଼ା, ୨୭।୮ (ଏଜେନ୍ସି): ନୋଏଡ଼ାରେ ଯୌତୁକ ପାଇଁ ନିକି ଭାଟିଙ୍କୁ ଜିଅନ୍ତା ଜାଳିଦେବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ ଏବଂ ଶଶୁର ଘର ବିରୋଧରେ ଯୌତୁକ ମାମଲା ରୁଜୁ କରିଥିବାବେଳେ ଏବେ ନିଜ ପରିବାର ଉପରେ ସମାନ ଅଭିଯୋଗ ଲାଗିଛି। ନିକିଙ୍କ ଭାଇ ରୋହିତ ପାୟଲାଙ୍କ ସ୍ତ୍ରୀ (ଅଲଗା ରହୁଥିବା) ମିନାକ୍ଷୀ ଏହି ଅଭିଯୋଗ ଲଗାଇଛନ୍ତି। ଶଶୁର ଘର ଲୋକ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କହିଛନ୍ତି।

**ନିକିଙ୍କ ପରିବାର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ**

ରୋହିତ ୨୦୧୬ରେ ପାଲା ଗ୍ରାମର ମିନାକ୍ଷୀଙ୍କୁ ବିବାହ କରିଥିଲେ। ତାଙ୍କ ପରିବାର ଯୌତୁକରେ ମାରୁତି ସୁଜୁକି ସିଆଜ ଦେଇଥିଲେ। କିନ୍ତୁ ଅଶୁଭ କହି ଶଶୁର ଘର ଲୋକେ ଏହାକୁ ବିକି ଦେଇଥିଲେ। ଏହା ବଦଳରେ ସ୍କର୍ପିଓ ଏସ୍‌ୟୁଭି ଏବଂ ଟଙ୍କା ମାଗିଥିବା ମିନାକ୍ଷୀଙ୍କ ପରିବାର ଦାବି କରିଛନ୍ତି। ମାତ୍ର ଏହା ଦେବାକୁ ମନା କରିବାରୁ ପାୟଲା ପରିବାର ବୋହୂ ମିନାକ୍ଷୀଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। ପରେ ଏହି ମାମଲା ଗ୍ରାମପଞ୍ଚାୟତକୁ ଯାଇଥିଲା। ଏହାର ବିଚାର କରି ବୋହୂକୁ ଗ୍ରହଣ କର ନଚେତ ବିବାହରେ ଖର୍ଚ୍ଚ ହୋଇଥିବା ୩୫ ଲକ୍ଷ ଟଙ୍କା ଫେରାଇବାକୁ ପାୟଲା ପରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାକୁ ନିକିଙ୍କ ପରିବାର ମାନି ନ ଥିଲେ। ଆଜି ପର୍ଯ୍ୟନ୍ତ ମିନାକ୍ଷୀ ଅଲଗା ହୋଇ ରହିଛନ୍ତି। ନିକିଙ୍କ ବାପା ଭିକାରୀ ସିଂହ ପାୟଲା ତାଙ୍କୁ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ମିନାକ୍ଷୀ କହିଛନ୍ତି।

ଏ ବିଷୟରେ ନିକିଙ୍କ ଭାଇକୁ ପଚରାଯିବାରୁ ସେ କିଛି କହିବାକୁ ରାଜି ନ ଥିଲେ। ଏହା କେବଳ ଅଭିଯୋଗ କହି ଏଡ଼ାଇ ଯାଇଥିଲେ। କିନ୍ତୁ ତାଙ୍କ ପାଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି କହିଥିଲେ ଯେ ଏହି ମାମଲାକୁ ନେଇ ଦୁଇ ପରିବାର ପରସ୍ପର ଉପରେ ବନ୍ଧୁକ ଉଠାଇ ଥିଲେ। ସେ ପାୟଲା ପରିବାରଙ୍କ ପକ୍ଷ ନେଇ ଆମେ ମିନାକ୍ଷୀଙ୍କୁ ପୋଡ଼ି ନାହୁଁ ବୋଲି କହିଥିଲେ। ଅନ୍ୟପଟେ ଗିରଫ ହୋଇଥିବା ନିକିଙ୍କ ଶଶୁର ମିନାକ୍ଷୀଙ୍କୁ ଘରକୁ ଫେରେଇ ନେବାକୁ ଆଶ୍ୱାସନା ଦେଇଥିଲେ। ସମ୍ପର୍କ ଆଧାରରେ ସେ ପାୟଲାଙ୍କୁ ବୁଝାଇବେ ବୋଲି କହିଥିଲେ। ପୂର୍ବରୁ ନିକିଙ୍କ ବାପା ମଧ୍ୟ ଯୌତୁକକୁ ଉଚିତ ଦର୍ଶାଇ ଥିଲେ। ଆମ ସମାଜରେ ଏପରି ଚାଲୁଛି ବୋଲି କହିଥିଲେ।

## ଟ୍ରମ୍ପଙ୍କ ଦାବି | ଯୁଦ୍ଧ ବନ୍ଦ ପାଇଁ ମୋଦୀଙ୍କୁ ଧମକ ଦେଇଥିଲି



ୱାଶିଂଟନ, ୨୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷକୁ ବନ୍ଦ କରି ପରମାଣୁ ଯୁଦ୍ଧ ଅଟକାଇ ଥିବା ଦାବି କରିଛନ୍ତି। ବୁଧବାର ହ୍ୱାଇଟ ହାଉସରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି ଚେତାବନୀ ଦେଇଥିଲି। ଯୁଦ୍ଧ ବନ୍ଦ ନ କଲେ ଚଡ଼ା ଶୁଳ୍କ ଲଗାଇବାକୁ କହିଥିଲି। ଏହି ସଂଘର୍ଷ ପରମାଣୁ ଯୁଦ୍ଧମୁହାଁ ହେଉଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିକୁ ରୋକି ଦିଆଯିବ। ଭାରତ ଉପରେ ଏତେ ଶୁଳ୍କ ଲଗାଯିବ ଯେ ମୁଣ୍ଡ ବୁଲାଇବ ବୋଲି କହିଥିଲି। ଏହାର ୫ ଘଣ୍ଟା ପରେ ଦୁଇ ଦେଶ ପଛକୁ ହଟିଥିଲେ। ତେବେ ଭାରତ ସର୍ବଦା ଏହି ଦାବିକୁ ଖାରଜ କରି ଆସିଛି। ଟ୍ରମ୍ପ ପୁଣି କହିଥିଲେ ଯେ ମୋଦୀ ଜଣେ ବହୁତ ଭଲ ଲୋକ। ତାଙ୍କ ସହ କଥା ହୋଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ'ଣ ଚାଲିଛି ବୋଲି ପଚାରି ଥିଲି। ଉଭୟ ଦେଶ ମଧ୍ୟରେ ଘୃଣା ଥିଲା। ଏବେ ଏହି ମାମଲାର ସମାଧାନ ହୋଇଯାଇଛି। ପୁଣି ଆରମ୍ଭ ହେଲେ ମଧ୍ୟ ରୋକିବି। କେବେ ଏପରି ହେବାକୁ ଦେବୁନି। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ସଂଘର୍ଷରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧୫ କୋଟି ଡଲାର ହେବ। ତେବେ ଟ୍ରମ୍ପ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। କିନ୍ତୁ ସେ ଏହି ସଂଘର୍ଷକୁ ରୁଷ-ୟୁକ୍ରେନ ଯୁଦ୍ଧ ସହ ତୁଳନା କରି ଏହା ବୈଶ୍ୱିକ ସଙ୍କଟରେ ରୂପ ନେଇପାରିଥାନ୍ତା ବୋଲି କହିଥିଲେ।

## ସ୍କୁଲ ଟଏଲେଟ୍‌ରେ ଜଳିଗଲେ ଛାତ୍ରୀ

ପାଟନା, ୨୭।୮(ଏଜେନ୍ସି): ବିହାର ପାଟନାରେ ଆଉ ଏକ ବଡ଼ ଘଟଣା ଘଟିଛି। ଗର୍ଦ୍ଦନିବାଗ ଅଞ୍ଚଳରେ ଚିତଖୋରା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଆମଲା ତୋଲା କନ୍ୟା ବିଦ୍ୟାଳୟର ଏକ ଟଏଲେଟ୍‌ରେ ଜଳିଯାଇ ଛାତ୍ରୀଜଣକ ମୃତ୍ୟୁବରଣ କରିଛନ୍ତି। ଟଏଲେଟରୁ ଧୂଆଁ ବାହରୁଥିବାର ଦେଖି ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଛାତ୍ରମାନେ ସ୍କୁଲ୍‌ରେ ଭଙ୍ଗାରୁଜା କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଉତ୍ୟକ୍ତ ଲୋକେ ପୁଲିସ ଉପରେ ଆକ୍ରମଣ କରିଥିଲେ।

## କଲେଜିୟମ ଅସହମତି ସତ୍ତ୍ୱେ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି (ସିଜେ) ଭିପୁଲ ପାଞ୍ଚୋଲି ଏବଂ ବମ୍ବେ ହାଇକୋର୍ଟର ସିଜେ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କରାଯାଇଛି। ବିଚାରପତିଙ୍କ ମଧ୍ୟରେ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ କଲେଜିୟମ କରିଥିବା ଏହି ସୁପାରିସକୁ ବୁଧବାର କେନ୍ଦ୍ର ମଞ୍ଜୁରୀ ଦେଇଛି। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସକୁ ନେଇ କଲେଜିୟମରେ ସାମିଲ ଜଷ୍ଟିସ ବିଭି ନାଗରତ୍ନା ଏହାକୁ ତୀବ୍ର ବିରୋଧ କରିଥିଲେ। ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସ ନ୍ୟାୟପାଳିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ କଲେଜିୟମର ବିଶ୍ୱସନୀୟତାକୁ ନଷ୍ଟ କରିଦେବ ବୋଲି କହିଥିଲେ। ଜଷ୍ଟିସ ପାଞ୍ଚୋଲି ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଲେ ୨୦୩୧ ଅକ୍ଟୋବର ସୁଦ୍ଧା ସିଜେଆଇ ହୋଇପାରନ୍ତି। ସୂତ୍ର ଅନୁଯାୟୀ ଗତ ମେ' ମାସରେ ମଧ୍ୟ ଜଷ୍ଟିସ ନାଗରତ୍ନା ଏହି ପ୍ରସ୍ତାବ ଉପରେ ଅସହମତି ପ୍ରକାଶ କରିଥିଲେ। ସେତେବେଳେ ପ୍ରଥମ ଥର ପାଇଁ ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିଥିଲା। ପରେ ଜଷ୍ଟିସ ଏନ ଭି ଅଞ୍ଜାରିଆଙ୍କୁ ନିଯୁକ୍ତି କରାଯାଇଥିଲା। ତେଣୁ ତିନି ମାସ ପରେ ପୁଣି ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିବାରୁ ଜଷ୍ଟିସ ନାଗରତ୍ନା ଔପଚାରିକ ଭାବେ ଅସହମତି ପ୍ରକଟ କରିଥିଲେ।

- ଜମ୍ମୁ-କାଶ୍ମୀରର ଅନନ୍ତନାଗ କୋର୍ଟ ଜଳମଗ୍ନ

## ବୋଟ୍‌ରେ ପହଞ୍ଚିଲେ ବିଚାରପତି

ଅନନ୍ତନାଗ,୨୭।୮(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଭୀଷଣ ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନ ଜଳମଗ୍ନ ହୋଇଛି। ଅନନ୍ତନାଗର ଜିଲ୍ଲା କୋର୍ଟରେ ମଧ୍ୟ ବନ୍ୟାଜଳ ପସିଛି। ବନ୍ୟା ସତ୍ତ୍ୱେ ପ୍ରଧାନ ଜିଲ୍ଲା ବିଚାରପତି ତାହିର ଖୁର୍ସିଦ ରାଇନା ବୋଟ୍ ଯୋଗେ କୋର୍ଟ ପରିସରରେ ପହଞ୍ଚି ବନ୍ୟା ସ୍ଥିତି, ନ୍ୟାୟିକ ଓ ଅତ୍ୟାବଶକୀୟ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେ ନେଇ ସମୀକ୍ଷା କରିଥିଲେ। ବନ୍ୟା ଯୋଗୁ କୋର୍ଟ ରୁମ୍, କାର୍ଯ୍ୟାଳୟ, ରେକର୍ଡ ରୁମ୍ ମଧ୍ୟ ଜଳମଗ୍ନ ହୋଇଥିଲା। ନ୍ୟାୟିକ ରେକର୍ଡର ସୁରକ୍ଷା ବିଷୟରେ ବୁଝାସୁଝା କରିବାକୁ ସେ କୋର୍ଟ ପରିସରରେ ବୋଟ ଯୋଗେ ପ୍ରବେଶ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


# ମନ୍ତ୍ରୀ, ବିଧାୟକଙ୍କୁ ଘଉଡ଼ାଇଲେ ଗ୍ରାମବାସୀ



ନାଳନ୍ଦା, ୨୭।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନାଳନ୍ଦାର ମଲାମା ଗ୍ରାମରୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଖବର ଆସିଛି। ଏଠାରେ ଗ୍ରାମବାସୀ ଗ୍ରାମୀଣ ବିକାଶମନ୍ତ୍ରୀ ଶ୍ରବଣ କୁମାର ଏବଂ ହିଲ୍‌ସା ବିଧାୟକ କୃଷ୍ଣ ମୁରାରୀ ଓରଫ ପ୍ରେମ ମୁଖିଆଙ୍କ ଉପରେ ରାଗି ଯାଇଛନ୍ତି। ସ୍ଥିତି ଏମିତି ହୋଇଛି ଯେ ମନ୍ତ୍ରୀ ଏବଂ ବିଧାୟକ କାର୍‌ରେ ବସିବା ପରେ ବି ଲୋକେ ଛାଡ଼ି ନ ଥିଲେ। ଚାରିପଟୁ ଘେରି ଠେଙ୍ଗାବାଡ଼ିରେ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହା ଦେଖି ମନ୍ତ୍ରୀ ଏବଂ ବିଧାୟକ ଭୟରେ ଥରହର ହୋଇଥିଲେ। ସୁରକ୍ଷାକର୍ମୀ ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ସେ ଦୌଡ଼ି ଦୌଡ଼ି ୫୦୦ ମିଟର ଦୂରରେ ଥିବା ଆଉ ଏକ ଗାଡ଼ିରେ ବସିଥିଲେ। କିନ୍ତୁ ଗାଁ ଲୋକେ ବି ଛାଡ଼ି ନ ଥିଲେ। ସେମାନେ ମନ୍ତ୍ରୀଙ୍କ ପଛେ ପଛେ ଦୌଡ଼ି ଥିଲେ ଅନ୍ୟ କାର୍‌କୁ ମଧ୍ୟ ଘେରି ନେଇ ଆକ୍ରମଣ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକଙ୍କୁ ବଞ୍ଚାଇବାକୁ ଯାଇ ବଡି ଗାର୍ଡ ଆହତ ହୋଇଥିଲେ। ପରେ ଉଭୟଙ୍କୁ ତୃତୀୟ ଗାଡ଼ିକୁ ନିଆଯାଇଥିଲା। ଏହି ସମୟରେ ମନ୍ତ୍ରୀ ଧୋତି ଧରି ଗାଡ଼ି ପାଇଁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଦୌଡୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପରେ ତୃତୀୟ ଗାଡ଼ିରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପଠା ଯାଇଥିଲା। ମାତ୍ର ଗ୍ରାମବାସୀ ପଛରେ ଦୌଡ଼ି ଗାଡ଼ି ଉପରକୁ ପଥର ଏବଂ ଠେଙ୍ଗାବାଡ଼ି ମାଡ କରିଥିଲେ। ସ୍ଥିତିକୁ ଦେଖି ଗାଁରେ ଅଧିକ ସୁରକ୍ଷାବାହିନୀଙ୍କୁ ମୁତୟନ କରାଯାଇଛି। ମନ୍ତ୍ରୀ ଏବଂ ବିଧାୟକଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

**ଧୋତି ଧରି ଧାଇଁଲେ ଗ୍ରାମୀଣ ବିକାଶମନ୍ତ୍ରୀ**

ସୂଚନାଯୋଗ୍ୟ ଯେ ନାଳନ୍ଦା ହେଉଛି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହ ଜିଲ୍ଲା। ରାଜ୍ୟରେ ଗତ ତିନି ଦିନ ମଧ୍ୟରେ ଦୁଇ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହେଲାଣି। ଗତ ୨୫ ତାରିଖରେ ପାଟନାର ଅଟଳ ପଥରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କ ଗାଡ଼ି ଉପରକୁ ପଥରମାଡ଼ ହୋଇଥିଲା।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଅଗ୍ରପୂଜ୍ୟ ଗଜାନନଙ୍କ ଆବାହନରୁ ଆରମ୍ଭ ହେଲା ପାର୍ବଣ ଋତୁ



'ସକାଳ' ଓ 'ନନ୍ଦିଘୋଷ ଟିଭି' ମୁଖ୍ୟ କାର୍ଯ୍ୟାଳୟରେ ବିଘ୍ନବିନାଶକଙ୍କ ପୂଜାର୍ଚ୍ଚନା

# ୫୨ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା

## ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟର ପ୍ରଗତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୭।୮ (ସମିସ):** ବୁଧବାର ରାଜ୍ୟରେ ବିଭିନ୍ନ ବର୍ଗର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଏମ୍ କିଷା।ନ ଯୋଜନାରେ ମୋଟ ୧ଲକ୍ଷ ୪ହଜାର ୧୨୯ କୋଟି ଟଙ୍କାର ଅର୍ଥରାଶି ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।




ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁର କହିଛନ୍ତି ଯେ ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ। ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟର୍‌ରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲ୍‌ର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ▶ପୃଷ୍ଠା-୭

### ଜମ୍ମୁରେ ୧୧୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

# ଅଟକୁନି ଭୂସ୍ଖଳନ, ମୃତ୍ୟୁସଂଖ୍ୟା ୩୨

■ **ନୂଆଦିଲ୍ଲୀ, ୨୭।୮(ଏଜେନ୍ସି):** ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଅନେକ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା



**ଜାରି ରହିଛି ବର୍ଷା; ବୈଷ୍ଣୋଦେବୀ ଯାତ୍ରା ବନ୍ଦ**

ବେଳେ ହଜାର ହଜାର ଲୋକେ ପାଣିଘେରରେ ଫସି ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସେନା ମୁତୟନ କରିବାକୁ ପଡିଛି। କେଉଁଠି ଭୂସ୍ଖଳନ ତ ଆଉ କେଉଁଠି ବାଦଲଫଟା ବର୍ଷା ସବୁ କିଛି ଛାରଖାର କରିଦେଉଛି। ତେବେ ଜମ୍ମୁରେ ଗତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ବର୍ଷା ତାଣ୍ଡବ ରଚିଛି। ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୯୬ ▶ପୃଷ୍ଠା-୭

# ବାପାକୁ ହତ୍ୟାକରି ପୋଡ଼ିଦେଲେ

■ **ଭେଡେନ, ୨୭।୮ (ସମିସ):** ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ସ୍ଥିତ ଅପାମରା ଗାଁର ଝଙ୍କାର ବିଦେଶୀ ଧରୁଆ(୬୫)କୁ ତାଙ୍କ ବଡପୁଅ ବାବୁଲାଲ ଧରୁଆ(ଜୟଲାଲ) (୪୫), ପୁତ୍ରବଧୂ ଯୋଶବନ୍ତି ଧରୁଆ(୪୨) ଓ ନାତି ବଳରାମ ଧରୁଆ (୧୯) ମିଳିମିଶି ହତ୍ୟା କରିବା ସହିତ ମୃତ ଶବକୁ ବଲାଙ୍ଗିର ନେଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ବିଦେଶୀ ଧରୁଆଙ୍କ ସାନ ପୁଅ ତେଜରାଜ ଧରୁଆଙ୍କ ଅଭିଯୋଗ ଅନୁସାରେ ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶ ଘଟଣାର ତଦନ୍ତ କରିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ବଡପୁଅ ବାବୁଲାଲ ଧରୁଆ

**ଧାନ କାର୍ଡ ପଞ୍ଜୀକରଣକୁ ନେଇ ପୁଅ-ବୋହୂ-ନାତିଙ୍କ ବର୍ବରକାଣ୍ଡ**


ଫେରାର ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଭେଡେନ ଥାନାକୁ ଆଣି ପୁଲିସ ଅଟକ ରଖିଛି।

ପୁଲିସ ସୂଚନା ଅନୁସାରେ, ମୃତ ବିଦେଶୀଙ୍କ ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ଜମିର ଧାନ ବିକ୍ରି ପାଇଁ କାର୍ଡ ପଞ୍ଜୀକରଣର ଆବଶ୍ୟକତା ଥିବାରୁ ଭେଡେନ ସ୍ଥିତ ଧାନ କାର୍ଡ ତିଆରି କେନ୍ଦ୍ରକୁ ସାନପୁଅ ତେଜରାଜଙ୍କ ସହିତ ଗତ ୨୫ ତାରିଖରେ ଆସିଥିଲେ। ସମସ୍ତ ପିଲାଙ୍କ ନାମରେ ଜମି ଭାଗ କରି କାର୍ଡ ତିଆରି କରିବା ଉଦ୍ଦେଶ୍ୟ ରହିଥିଲା। ଏବିଷୟରେ ବଡପୁଅ ବାବୁଲାଲ ଓ ତାର ପୁଅ ବଳରାମ ଖବର ପାଇ ସେଠାରେ ପହଞ୍ଚିଥିଲେ। ବଡ଼ପୁଅ ▶ପୃଷ୍ଠା-୭







# କଫ ସିରପ୍ କାରବାରରେ ୪ ଗିରଫ


ସମ୍ବଲପୁର, ୨୭।୮ (ସମିସ):ବେଆଇନ କଫ ସିରପ୍ କାରବାରରେ ସମ୍ପୃକ୍ତ ବୁର୍ଲା ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ବୁର୍ଲା ଥାନା ଅନ୍ଧାରୀପାତ୍ର ଗ୍ରାମର ମୁକେଶ ଛତ୍ରିଆ(୨୬) ଓ ବରଗଡ଼ ଅତାବିରା ଥାନା ପୂଜାପାଲିର ଦୟାସାଗର ବେସନ(୨୭)। ସେମାନଙ୍କ ନିକଟରୁ ୧୬୦ ବୋତଲ କଫ ସିରପ୍, କାର୍ ନଂଓଡି୧୫ୱାଇ-୯୬୬୫) ସମେତ ଅନ୍ୟାନ ସାମଗ୍ରୀ ଜବତ କରିଛି। ଗୋଶାଳା ବିଟ ହାଉସ ପୁଲିସ ଅନ୍ଧାରିପାତ୍ର ଗାଁ ରୋଡରେ ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଠେଲକୋଲୋଇ ଥାନା ପୁଲିସ କଫସିରପ୍ କାରବାରରେ କାର୍, ସ୍କୁଟି ଜବତ କରିବା ସହ ଗୁମକରମାର ସାଗର ନାଏକ(୨୯) ଓ ଝାରସୁଗୁଡ଼ା ସୁନାମାଲର ପ୍ରଦୀପ ପୋଦ୍ଧ(୨୨)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪୨ ବୋତଲ କଫ ସିରପ୍, ନିଶା ଟାବଲେଟ, ୪ ଲିଟର ତରଳ ପଦାର୍ଥ, ଗୋଟିଏ କାର୍ ଓ ସ୍କୁଟି ଜବତ କରିଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।











# ଆଏଜ୍ ନୂଆଁଖାଇ

ସମ୍ବଲପୁର, ୨୭।୮ (ସମିସ):

ଗୁରୁବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଗାଁରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରାୟ ମାସକ ପୂର୍ବରୁ ଘରଦ୍ୱାର ଲିପାପୋଛା କରି ପ୍ରସ୍ତୁତି ପର୍ବ ଚାଲିଛି। ମନ୍ଦିରମାନଙ୍କରେ ମଧ୍ୟ ରଙ୍ଗ କରିବା ସହ ସିନ୍ଦୂର ବୋଳା ଓ ଅଳଙ୍କାର ସଫେଇ ସରିଛି। ପଶ୍ଚିମ ଓଡ଼ିଶାର ଏହା ଏକ ପ୍ରମୁଖ ପର୍ବ ହୋଇଥିବାରୁ ଗତ କିଛିଦିନ ହେଲା ବଜାରରେ ପ୍ରବଳ ଭିଡ଼ ଲାଗିରହିଛି। ଏବେ ଘରେ ଘରେ କୁଣିଆ ମୈତ୍ରଙ୍କ ଭିଡ଼ ଲାଗିରହିଥିବା ବେଳେ ଦରଦାମ ଅତ୍ୟଧିକ ପରିମାଣରେ ବୃଦ୍ଧି ପାଇଛି। ଦୂରଦୂରାନ୍ତରେ ରହୁଥିବା ପରିବାରର ସଦସ୍ୟମାନେ ଘରକୁ ପହଞ୍ଚି ସାରିଲେଣି।


ନୂଆଁଖାଇ ପୂଜାର୍ଚ୍ଚନା ପାଇଁ ସବୁଆଡ଼େ ଆବଶ୍ୟକ ସାମଗ୍ରୀର ପସରା ବସିଛି। ନୂଆ ଧାନ, କୁରେଇ ପତ୍ର ଓ ଦନା, ସାରୁ ଶାଗ, ମାଖନ ଶାଗ ଆଦି ବିକ୍ରୟ ହେଉଛି। ନୂଆଁଖାଇ ଦିନ ସମସ୍ତେ ଇଷ୍ଟ ଦେବତା ଓ ଇଷ୍ଟ ଦେବୀଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା କରିଥାନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେଠାକାର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ଲଗ୍ନ ଅନୁଯାୟୀ ନବାନ୍ନ ଲାଗି ହେବାପରେ ଘରେ ଠାକୁରଙ୍କୁ ଭୋଗ ଲଗାଇ ନୂଆଁ ଖାଇଥାନ୍ତି। ଏହାପରେ ଜୁହାର୍ ଭେଟ୍ ହୋଇଥାଏ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ଥିବା ୧୧୫ ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୂର ବୋଳା କାମ ସରିଛି। ଏହାପରେ ମା'ଙ୍କ ସୁନା ଓ ରୂପା ଅଳଙ୍କାର ସଫା କରାଯିବାସହ ମା'ଙ୍କ ରୂପା ଛତର ଓ ଅନ୍ୟ ଆଭୂଷଣ ସଫା କରାଯାଇଛି।


ନୂଆଁଖାଇ ଦିନ ଗୁରୁବାର ବଡ଼ିଭୋରରୁ ମା'ଙ୍କ ସ୍ନାନ ଆଦି ରୀତିନୀତି ପରେ ବେଶଭୂଷା କରାଯିବ। ମା' ସମଲେଶ୍ୱରୀଙ୍କ ସମ୍ବଲପୁରୀ ପାଟବସ୍ତ୍ର ଓ ପାର୍ଶ୍ୱଦେବାଦେବୀଙ୍କ ନୂତନ ବସ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାପରେ ପଣ୍ଡିତମାନଙ୍କ ଗଣନା ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ଲଗ୍ନ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି ଦିବା ୧୦ଟା୩୩ ମିନିଟ୍‌ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି କରାଯିବ। ଏହାପରେ ସମ୍ବଲପୁର ତଥା ଅଞ୍ଚଳବାସୀ ନୂଆଁ ଖାଇବେ।ନୂଆଁଖାଇ ଦିନ ସନ୍ଧ୍ୟାରେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।










# ଚାଷର ଉନ୍ନତି, ଗୁରୁଜନଙ୍କୁ ସମ୍ମାନ ଦେବାର ପର୍ବ 'ନୂଆଁଖାଇ': ଧର୍ମେନ୍ଦ୍ର

ସମ୍ବଲପୁର, ୨୭।୮ (ସମିସ) :ଗୁରୁବାର ସମ୍ବଲପୁର ମାନେଶ୍ୱର ବ୍ଲକ ସିନ୍ଧୁରପଙ୍କରେ ନୂଆଁଖାଇ ପାଳିବା ସହ ମା'ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋଟପଲା ଯୁବକ ସଂଘ ଏବଂ ସମଲେଶ୍ୱରୀ



ଯୁବକ ସଂଘ ଦ୍ୱାରା ଆୟୋଜିତ ପୃଥକ 'ନୂଆଁଖାଇ ଭେଟଘାଟ -୨୦୨୫'ରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଚାଷୀ ଓ ଚାଷୀର ଉନ୍ନତି, ସମସ୍ତଙ୍କର ଖାଦ୍ୟ ସୁରକ୍ଷା, ବନ୍ଧୁମିଳନ ତଥା ଗୁରୁଜନଙ୍କୁ ସମ୍ମାନ ଜଣାଇବା ନୂଆଁଖାଇ ପର୍ବର ଅନନ୍ୟ ବିଶେଷତ୍ୱ ବୋଲି ଶ୍ରୀ ପ୍ରଧନ କହିଛନ୍ତି। ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ନୂଆଁଖାଇ କେବଳ ନବାନ୍ନ ସେବନର ପର୍ବ ନୁହେଁ, ଏହା ମଧ୍ୟ ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ। ମା' ସମଲେଇଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଆଣିଦେଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।

# ଟ୍ରେନ୍‌ରେ କଟି ଯାତ୍ରୀ ମୃତ

ସମ୍ବଲପୁର, ୨୭।୮ (ସମିସ): ସମ୍ବଲପୁରସିଟି ଷ୍ଟେସନରେ ଟ୍ରେନରେକଟି ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ସିଟି ଷ୍ଟେସନରେ ଟ୍ରେନରୁ ଓହ୍ଲାଇବା ସମୟରେ ଟ୍ରାକ୍‌କୁ ଖସିଯାଇଥିବା ଅନୁମାନ କରାଯାଉଛି। ସକାଳେ ଜିଆର୍‌ପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟକ୍ତି ଜଣକ ସିନ୍ଧୁରପଙ୍କସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ।

# ନଟରାଜ କ୍ଲବ୍ ପକ୍ଷରୁ ନିଆରା ଗଣେଶ ମୂର୍ତ୍ତି

ସମ୍ବଲପୁର, ୨୭।୮ (ସମିସ):କ୍ଷେତରାଜପୁରସ୍ଥିତ ନଟରାଜ କ୍ଲବ ପକ୍ଷରୁ ପ୍ରତିବର୍ଷ କିଛି ନିଆରା ଢଙ୍ଗରେ ଗଣେଶ ମୂର୍ତ୍ତି ତିଆରି କରାଯାଇଥାଏ। ଚଳିତ ବର୍ଷ ନଟରାଜ କ୍ଲବ୍ ଗଣେଶ ପୂଜାର ୫୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ କ୍ଲବ୍ ପକ୍ଷରୁ ୨୬ ଫୁଟର ବିଶାଳକାୟ ଗଣେଶ ମୂର୍ତ୍ତି ତିଆରି କରାଯାଇଛି। ମୂର୍ତ୍ତି ଫଳ ସେଓରେ ତିଆରି କରାଯାଇଛି। ମୂର୍ତ୍ତି ତିଆରି ପାଇଁ କୌଣସି କାରିଗରଙ୍କୁ ନିୟୋଜିତ କରାନଯାଇ ବରଂ ନଟରାଜ କ୍ଲବ୍‌ର ସଦସ୍ୟମାନେ ନିଜେ ବିଶାଳ ଗଣେଶ ମୂର୍ତ୍ତିକୁ ଦିନରାତି ପରିଶ୍ରମ କରି ତିଆରି କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।





# ଇ-ଚାଲାଣ ନାମରେ ୨ ଲକ୍ଷ ୪୯ ହଜାର ସାଇବର ଠକେଇ

ସମ୍ବଲପୁର, ୨୭।୮ (ସମିସ):ଇ-ଚାଲାନ ନାମରେ ସମ୍ବଲପୁରର ଜଣେ ବ୍ୟବସାୟୀ ୨ ଲକ୍ଷ ୪୯ ହଜାର ଟଙ୍କା ସାଇବର୍ ଠକେଇର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ, ବ୍ୟବସାୟୀ ଶିଳା ଶିବପ୍ରସାଦଙ୍କ ପାଖକୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଆର୍‌ଟିଓ ଇ-ଚାଲାନ ଆସିଥିଲା। ସେ ମଙ୍ଗଳବାର ରାତିରେ ଏହାକୁ ଡାଉନଲୋଡ କରିବାକୁ ଚେଷ୍ଟା କଲେ କିନ୍ତୁ ହେଲାନାହିଁ। ଅନ୍ୟପକ୍ଷରେ ସାଇବର ଠକମାନେ କିନ୍ତୁ ଶିବପ୍ରସାଦଙ୍କ ଆକାଉଣ୍ଟକୁ ଆକ୍ସେସ୍ ପାଇଗଲେ। ବୁଧବାର ତାଙ୍କ ଏକ କ୍ରେଡିଟ୍ ଆକାଉଣ୍ଟରୁ ୨, ୪୯, ୦୦୦ ଟଙ୍କା ଟ୍ରାନ୍ସଫର୍ ହୋଇଯାଇଛି। ସମ୍ପ୍ରତି ଏପିକେ ଫାଇଲ ଆସୁଥିବା ବେଳେ ତାହା ଖୋଲିବାକୁ ଚେଷ୍ଟା କଲେ ମୋବାଇଲ ହ୍ୟାଙ୍ଗ୍ ହେବାସହ ଠକମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ପରିଚାଳନା କରିପାରୁଛନ୍ତି। ଏନେଇ ଶିବ ପ୍ରସାଦ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସାଇବର୍ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।












# ଗଣଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ବଦଳି ନୀତି

ବରଗଡ଼,୨୭।୮ (ସମିସ):

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶତାଧିକ ପ୍ରାଥମିକ ଶିକ୍ଷକ ଦମ୍ପତି ଏବେ ପରିବାର ଠାରୁ ଦୂରଦୂରାନ୍ତରେ ରହି କାମ କରୁଛନ୍ତି। କିଏ ୧୦୦ କିମି ଦୂରରେ ତ କିଏ ୮୦୦ କିମି ଦୂରରେ। ତେବେ ଏହା ସେମାନଙ୍କ ଇଚ୍ଛା ନୁହେଁ ବରଂ ଭୁଲ ପଲିସି ବା ବ୍ୟବସ୍ଥା ପାଇଁ ସେମାନଙ୍କ ପିଲା ମାନେ ବାପା ମାଆଙ୍କ ସ୍ନେହ ଆଦରରୁ ବଞ୍ଚିତ ରହୁଛନ୍ତି ଏବଂ ତାଙ୍କ ରୋଗିଣା ବୃଦ୍ଧ ବାପା ମାଆ ମାନେ ଅସହାୟ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଥି ନିମନ୍ତେ ଶିକ୍ଷକ ଦମ୍ପତି ମାନେ ବହୁ ମାନସିକ ଚାପରେ ରହୁଛନ୍ତି। ୨୦୨୩ ମସିହାରେ ପୂର୍ବ ସରକାର ଦ୍ୱାରା ଘୋଷିତ ସ୍ୱାଉସ୍ ଗ୍ରାଉଣ୍ଡ ଟ୍ରାନ୍ସଫର ନୀତି ପ୍ରକାଶ ପାଇଥିଲା। ୨୦୨୪ ରେ ସରକାର ଏହାକୁ କାର୍ଯ୍ୟକାରୀ କରି ୬୬୦ ଦମ୍ପତିଙ୍କୁ ଲାଭ ଦେଇଥିଲେ। ଏହି ନୀତି ପାଇଁ ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରୁ ସରକାର ପ୍ରଶଂସିତ ହୋଇଥିଲେ। କିନ୍ତୁ ୨୦୨୫ରେ ସେହି ସରକାର ବା ବିଭାଗ ୨୦୨୩ ମସିହାରେ ଗାଇଡ ଲାଇନ ଅନୁସାରେ ପ୍ରଥମେ ଗୋଟେ ଆକ୍ଟିଭିଟି କ୍ୟାଲେଣ୍ଡର ବାହାର କଲେ। କୌଣସି କାରଣ ନଥାଇ ତାକୁ ଅପସାରଣ କରି କିଛିଦିନ ପରେ ହଠାତ୍ ଏହି ନୀତିକୁ ବଦଳାଇ ଦେଲେ। ଆଞ୍ଚଳିକ ବାଦ ଭର୍ତ୍ତି

## ଆନ୍ଦୋଳନକୁ ଓହ୍ଲାଇବେ ୫୪୧ ଶିକ୍ଷକ ଦମ୍ପତି

କରି, ଓଡ଼ିଶାକୁ କେବିକେ, ନନ୍-କେବିକେ, ଟିଏସପି ଆଦିରେ ଭାଗ ଭାଗ କରି ଟ୍ରାନ୍ସଫରକୁ ଅଟକାଯାଇଛି। ବିଡମ୍ବନାର କଥା ଏହା ଯେ ଗୋଟେ ବିଭାଗ ଅଧୀନରେ ମାଧ୍ୟମିକ ଶିକ୍ଷକ ଓ ପ୍ରାଥମିକ ଶିକ୍ଷକ ରହିଥିବା ବେଳେ ଏଭଳି ଅଜବ ନିୟମ ହାଇସ୍କୁଲ ଶିକ୍ଷକ ଦମ୍ପତି ମାନଙ୍କ ପାଇଁ ଲାଗୁ ନୁହେଁ। ପ୍ରାଥମିକ ଶିକ୍ଷକ ବୋଲି ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖା ଯାଉଛି ଏବଂ ଟ୍ରାନ୍ସଫରକୁ ଅଟକା ଯାଉଛି ବୋଲି ପ୍ରାଥମିକ ଶିକ୍ଷକ ଦମ୍ପତି ମାନେ ଅଭିଯୋଗ କରିଛନ୍ତି।

ଏହି ବର୍ଷ ମୋଟ ୫୪୧ ଜଣ ସ୍ୱାଉସ୍ ଗ୍ରାଉଣ୍ଡ ଟ୍ରାନ୍ସଫର ପାଇଁ ଆବେଦନ କରିଛନ୍ତି। ସରକାର ଏହିଥର ସେମାନଙ୍କୁ ବଦଳି କରିଦେଲେ ଓଡ଼ିଶାରୁ ଶିକ୍ଷକ ଦମ୍ପତିଙ୍କ ସଂଖ୍ୟା ୯୦ ପ୍ରତିଶତ କମି ୨୦-୩୦ ଭିତରେ ସୀମିତ ରହିବ ବୋଲି ଜଣାପଡୁଛି। ଏହି ପାତରଅନ୍ତର ନୀତିକୁ ପ୍ରତିବାଦ ଜଣାଇ ୨୬ ଅଗଷ୍ଟରେ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଦମ୍ପତି ଶିକ୍ଷାମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ଆସିଥିଲେ। ପ୍ରାଥମିକ ଶିକ୍ଷକ ଦମ୍ପତି ସଂଘ ତରଫରୁ ରାକେଶ ଜେନା, ସୁନିଲ ମିଶ୍ର, ରାମେଶ୍ୱର ଛାତ୍ରିଆ, ପ୍ରତାପ ସୁନ୍ଦରାୟ, ପଙ୍କଜିନୀ ନାୟକ, ବସନ୍ତ ବାଗ, ହେମନ୍ତ ଧଳ ମଧୁସ୍ମିତା ସେଠି, ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ। "ଆମେ ଦୁଇ ମାସ ଧରି ଡାଇରେକ୍ଟର, ସଚିବ ଓ ଶିକ୍ଷାମନ୍ତ୍ରୀଙ୍କ ଅଫିସକୁ ଘୁରୁଛୁ, କିନ୍ତୁ କୌଣସି ସମାଧାନ ମିଳୁନାହିଁ ଓ କେବଳ ପ୍ରତିଶ୍ରୁତି ଓ ଏଡାଇଯିବା ଉତ୍ତର ମିଳୁଛି। ମନ୍ତ୍ରୀ କହୁଛନ୍ତି ଆସନ୍ତା ବର୍ଷ ଦେଖିବା" ବୋଲି ସେମାନେ କହିଥିଲେ। ପ୍ରାଥମିକ ଶିକ୍ଷକ ଦମ୍ପତି ମାନଙ୍କ କହିବା କଥା ଯେ ସମସ୍ତ ବର୍ଗର ଶିକ୍ଷକ ଅନଲାଇନ୍‌ରେ ଆବେଦନ କରିଛନ୍ତି। କିନ୍ତୁ କାହିଁକି ପ୍ରାଥମିକ ଶିକ୍ଷକ ଦମ୍ପତିଙ୍କ ବଦଳିକୁ ଆସନ୍ତା ବର୍ଷକୁ ରଖାଯିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବିଭାଗ ପାଖରେ ୫୪୧ଜଣଙ୍କ ତଥ୍ୟ ଅଛି ଓ ଏହିବର୍ଷ ସମସ୍ତଙ୍କ ବଦଳି ହୋଇ ପାରିବ ବୋଲି ସେମାନେ କହିଛନ୍ତି। ବିଭାଗ, ଶିକ୍ଷାମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପ୍ରାଥମିକ ଶିକ୍ଷକ ଦମ୍ପତିଙ୍କ ଦୁଃଖ ଅଣଦେଖା ନ କରିବାକୁ ପ୍ରାଥମିକ ଶିକ୍ଷକ ଦମ୍ପତି ସଂଘ ନିବେଦନ କରିଛନ୍ତି। ତେବେ ଯଦି ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ତାଙ୍କୁ ବଞ୍ଚିତ କରଯାଏ, ଆଗାମୀ ଦିନରେ ୫୪୧ ଶିକ୍ଷକ ଦମ୍ପତି ସପରିବାର ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବୃଦ୍ଧାଶ୍ରମରେ ନୂଆଁଖାଇ ଅଡ଼ିଆ ବଣ୍ଟନ



ବରଗଡ଼,୨୭।୮ (ସମିସ): ଜିଲ୍ଲାର ସ୍ୱର୍ଣ୍ଣପ୍ରଭା ସାହିତ୍ୟ ସଂସଦ ପକ୍ଷରୁ ଘୁଲିପାଲି ସାଇ କ୍ରିଷ୍ଣା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନୂଆଁଖାଇ ଅଡ଼ିଆ ବଣ୍ଟନ କରାଯାଇଛି। ସଂସଦର ସମ୍ପାଦିକା କମଳିନୀ ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟା ମାନେ ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ସହିତ ନୂଆଁଖାଇ ଅଡ଼ିଆ ପ୍ରଦାନ କରିଥିଲେ। ଏହି ଅବସରରେ ସଭାପତି ନୁରାବତି ସାହୁ, ସହ ସଂପାଦିକା ସନ୍ତୋସିନି ଦାଶ, ବରିଷ୍ଠ ସଦସ୍ୟା ମୀନା ପଣ୍ଡା, ରାଧାରାଣୀ ପଟ୍ଟନାୟକ, ନିରୁପମା ଶତପଥୀ, ପ୍ରତିମା ପାତ୍ର, ବିନୋଦିନୀ ସାହୁ, ନିଳୀମା ପ୍ରଧାନ, କଲ୍ୟାଣୀ ଶତପଥୀ, ଅଳକା ନନ୍ଦା, ବାସନ୍ତୀ ଗୁରୁ, ରୀତା ମିଶ୍ର, ଦୁର୍ଗେଶ ନନ୍ଦିନୀ, ଫିରୋଜ୍ ମେହେର, ତୃପ୍ତିମୟୀ ମେହେର ମାଧୁରୀ ମିଶ୍ର ପ୍ରମୁଖ କବୟିତ୍ରୀ ଓ ଲେଖିକା ବୃନ୍ଦ ଉପସ୍ଥିତ ଥିଲେ।

**ପାଇକମାଲ:** ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତ ପାଦ ଦେଶରେ ଥିବା ନୃସିଂହନାଥ ମନ୍ଦିରରୁ ପାଇକମାଲ ସ୍ଥିତ ବୃଦ୍ଧାଶ୍ରମକୁ ନୂଆଁଖାଇ ଅଡ଼ିଆ ପହଞ୍ଚିଛି। ମନ୍ଦିର କମିଟି ତରଫରୁ ଟ୍ରଷ୍ଟି



ତଥା ଏବିଡିଓ ଦେବାଶିଷ ସିହ୍ନା, କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀ ମାନଙ୍କ ପାଇଁ ବସ୍ତ୍ର ତଥା ନୂଆଁଖାଇ ପାଇଁ ରାସନ ସାମଗ୍ରୀ ବୁଧବାର ପହଞ୍ଚାଇ ଥିଲେ। ନୂଆଁଖାଇ ଅଡ଼ିଆ ଦେବା ପରେ ମନ୍ଦିର ଟ୍ରଷ୍ଟି ଶ୍ରୀ ସିହ୍ନା ସୁବିଧା ଅସୁବିଧା ଜଣାଇବା ପାଇ ଅନ୍ତେବାସୀଙ୍କୁ କହିଥିଲେ। ଏହି ସମୟରେ ସାମ୍ବାଦିକ ବଡ ଶତପଥୀ, ସୁକାନ୍ତ ପତି, ଇନ୍ଦ୍ରଜିତ ଭୋଇ, ଯୋଗେନ୍ଦ୍ର ଭୋଇ, ଗୋକୁଳା ପ୍ରଧାନ, ଏମଡିରାଜା, ରାଜା ସାହୁ, ରମେଶ ଡାଙ୍ଗ ଓ ମାଧବୀ ଦେହୁରୀ, ନିରୋଜ ପାଣି ପ୍ରମୁଖ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।

# ବଗେଇବିରାରେ ନୂଆଁଖାଇ ଜୋଟ୍ ଜାଟ୍




ବରଗଡ଼,୨୭।୮ (ସମିସ): ବରଗଡ଼ ବ୍ଲକ୍ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ବଗେଇବିରା ଗାଁରେ ବୁଦ୍ଧବିହାର କମିଟି ଓ ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀର ମିଳିତ ଉଦ୍ୟମରେ ନୂଆଁଖାଇ ଜୋଟ୍ ଜାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଣପର୍ବ ନୂଆଁଖାଇ ଉପଲକ୍ଷେ ଗାଁର ଅସହାୟ ବୟସ୍କ ମାନଙ୍କୁ ଶ୍ରଦ୍ଧା ସମ୍ମାନ ସହ ଅଡ଼ିଆ ବଣ୍ଟନ କରାହୋଇଥିଲା। ପ୍ରଥମେ ଗାଁ ପରିକ୍ରମା ସହ ବାବାସାହେବଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ଧିମାନ୍ ପୁରନ୍ଦର ଭୋସାଗର ଅଧ୍ୟକ୍ଷତା କରିଥିଲେ। ବୁଦ୍ଧ ବିହାରର ସମ୍ପାଦକ ଅବିନାଶ ବାଗ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ସମ୍ମାନିତ ଅତିଥି ତଥା ମୁଖ୍ୟବକ୍ତା ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ଅଧ୍ୟାପକ ସଂଜୀବ ସୁନା, କଟକରୁ ନୂଆଁଖାଇ ପାଳନ ପାଇଁ ଆସିଥିବା ହାଇକୋର୍ଟ ଆଡଭୋକେଟ ମାନସ ସ୍ୱାଇଁ, ଅଗ୍ନିବୀର ଯବାନ ସାଗର ନାଏକ, ଗୋବିନ୍ଦପୁର ଯୁବକ ସଂଘର ଆଶିଷ ନାଏକ, ଆଶିଷ ଗୌତମ, ଫକୀର ବୌଦ୍ଧ, ଆନନ୍ଦ କୁଅଁର, ସୁବାସ ଦୀପ, ସିଆର୍‌ପିସି ସୁବାସିନୀ ତାଣ୍ଡି ଗାଁର ଏସଏଚଜିର ମାଁ ମାନଙ୍କ ସହ ବୁଦ୍ଧ ବିହାର ଓ ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀର ସମସ୍ତ ଛାତ୍ରଛାତ୍ରୀ ସମେତ ଗାଁର ଲୋକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବୁଦ୍ଧ ବିହାରର କୋଷାଧ୍ୟକ୍ଷ ଯୁଧିଷ୍ଠିର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ସିଏମ୍ କିଷାନର ତୃତୀୟ କିସ୍ତି ପ୍ରଦାନ

ବରଗଡ଼,୨୭।୮ (ସମିସ): ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ସିଏମ କିଷାନ ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ୨୦୨୫-୨୬ରବି ଋତୁ



ପାଇଁ ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ସିଏମ କିଷାନ ଯୋଜନାର ତୃତୀୟ କିସ୍ତିରେ ୧୦୪୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ବରଗଡ଼ ଟାଉନ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ସହିତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀଙ୍କୁ ସିଏମ କିଷାନ ଯୋଜନାର ତୃତୀୟ କିସ୍ତିର ଟଙ୍କା ପ୍ରଦାନ କରାଯାଇଥିଲା।

# ପଦ୍ମପୁର ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା

ପଦ୍ମପୁର,୨୭।୮ (ସମିସ): ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିସରରେ ମୁଦିରଥ ପଣ୍ଡା ଓ ବିଦ୍ୟାମନ୍ଦିର ପରିସରରେ ଯଦୁମଣି ଦାଶ ପୂଜକ ଦାୟିତ୍ୱ ତୁଲାଇଥିଲେ।



ଏହି ଅବସରରେ କୁନିକୁନି ପିଲାମାନଙ୍କର କଲମରୁ ଧରି ପଡୁଥିବା ବିଭିନ୍ନ ଗଳ୍ପ, କବିତା ଓ ଚିତ୍ରର ସମାହାର ଗଣେଶ ପୂଜା ପ୍ରାଚିର ପତ୍ରିକା ଅରୁଣକୁ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଜୟନାରାୟଣ ତ୍ରିପାଠୀ ଉନ୍ମୋଚନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ, ସଭାପତି ପୃଥିରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକଲାଲ ମେହେର, ଉପଦେଷ୍ଟା କମିଟିର ସଭ୍ୟ ଭକ୍ତ ଚରଣ ସାହୁ, ଜିଲ୍ଲା ସଂଘ ଚାଳକ ରୋହିତ ମେହେର, ସମାଜସେବୀ ନୀରୋଜ ଦୋରା, ପରିଚାଳନା ସମିତିର ସଭ୍ୟ ସଭ୍ୟା, ପୂର୍ବତନ ଛାତ୍ର, ମାତୃଭାରତୀର ସଭ୍ୟା ବୃନ୍ଦ, ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ।






ସକାଳ
THE SAKALA

# ଆସ୍ଥା ଓ ବିଶ୍ୱାସ ସଙ୍କଟ

ବ୍ୟବସ୍ଥା ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ଭଳି ପରିସ୍ଥିତି ଉପୁଜିବାକୁ ନ ଦେବା ହିଁ କ୍ଷମତାକେନ୍ଦ୍ରର ଦାୟିତ୍ୱ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସମୁଦାୟର ଭରସା ଉପରେ ନିର୍ଭର କରେ କ୍ଷମତା ହାସଲ କରିବା। ଏଥିସକାଶେ ଆବଶ୍ୟକ ନାଗରିକଙ୍କ ମତାଧିକାର ଅକ୍ଷୁଣ୍ଣ ରଖିବା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା। ଯେତେବେଳେ କ୍ଷମତା ହାସଲ ବା ଦଖଲ ଅନିବାର୍ଯ୍ୟ ହୋଇପଡ଼େ ସେତେବେଳେ ତଥାକଥିତ ଅଧିକାର ଓ ନିରପେକ୍ଷତା ହନନ ହେବା ଥୟ। ଇଏ ହେଉଛି ସମୟ ସମୟର କଥା। ନିରଙ୍କୁଶ କ୍ଷମତା ପାଇଁ ପରିବେଶ ଓ ପରିସ୍ଥିତିକୁ ଅନୁକୂଳ କରିପାରିଲେ ଜନମତର ଗତି ଯୁଆଡ଼େ ଯାଉଛି ଯାଉ, ଶାସନର ଲଗାମ ହାତକୁ ଆସିବ ହିଁ ଆସିବ। ଏଭଳି ଏକ ମାନସିକତା ନେଇ କ୍ଷମତାକେନ୍ଦ୍ର ଯେତେବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ ସେତେବେଳେ ବିଦ୍ରୋହ ଓ ବିଦ୍ୱେଷ ଉପୁଜିବା ସ୍ୱାଭାବିକ। କିନ୍ତୁ ଏହା ଶେଷ କଥା ନୁହେଁ। ଶାସନ ବ୍ୟବସ୍ଥାର ସବୁ ତନ୍ତ୍ର ବିରୋଧରେ ମିଳିତ ଭାବେ ଲଢ଼େଇ କରିବା ଏତେ ସହଜ ନୁହେଁ। ବ୍ୟବସ୍ଥା ବଦଳାଇବା ଜରୁରୀ। ବ୍ୟବସ୍ଥା ବଦଳିଲେ ମତଦାତା ନିଜ ହିସାବରେ ନେତା ଓ କ୍ଷମତା ନିର୍ଦ୍ଧାରଣ କରିବେ। ନିରଙ୍କୁଶ କ୍ଷମତା ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ପାଇଁ ସର୍ବୋଚ୍ଚ ତ୍ୟାଗ ଓ ବଳିଦାନ ପ୍ରତି ଅଙ୍ଗୀକାର ଥିବା ନେତୃତ୍ୱର ଆବଶ୍ୟକତା ଏବେ ମଧ୍ୟ ରହିଛି। ସମୟ କହିବ ଏହି ଆବଶ୍ୟକତା ପୂରଣ କରିବାକୁ ଏବେର ନେତୃତ୍ୱ କେତେଦୂର ସମର୍ଥ।

ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ବିହାର ପରିଚିତ। କେବଳ ଦାରିଦ୍ର୍ୟ ନୁହେଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପଛୁଆ। ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ରାଜ୍ୟ ବାହାରେ ଜୀବନ ଓ ଜୀବିକା ନିର୍ବାହ ବିହାର ଅଧିବାସୀଙ୍କ ସମସ୍ୟା ଦେଶରେ ସର୍ବାଧିକ। ବେକାରୀ ଓ କର୍ମନିଯୁକ୍ତି ଅଭାବ ରହିଛି ଏହାର ପୃଷ୍ଠଭାଗରେ। ଅଥଚ ରାଜନୈତିକ ଦୃଷ୍ଟିରୁ ରାଜ୍ୟବାସୀ ସବୁଠାରୁ ଅଧିକ ସଚେତନ। ତେଣିକି ସେ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ପରିସ୍ଥିତିରେ କୁଶାସନ ଓ ବ୍ୟବସ୍ଥାଗତ ଅସନ୍ତୁଳନ ବିରୋଧରେ ଦେଶକୁ ସଂଗ୍ରାମର ଆଲୋକବର୍ତ୍ତିକା ଦେଖାଇଛନ୍ତି ବିହାରବାସୀ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସେତେବେଳେ ଜରୁରୀ ହୋଇପଡ଼ିଥିଲା। ଦୁର୍ନୀତି ଓ ପ୍ରଶାସନିକ ବିଶୃଙ୍ଖଳା ବିରୋଧରେ ଜୟପ୍ରକାଶ ନାରାୟଣ ୧୯୭୪ରେ ଯେଉଁ ଛାତ୍ର ଓ ଯୁବ ସଂଗଠନକୁ ନେଇ ସଂଗ୍ରାମ ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମ୍ପୂର୍ଣ୍ଣ କ୍ରାନ୍ତି'ର ରୂପ ନେଇଥିଲା। ସଂଯୋଗବଶତଃ ଠିକ୍ ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମାମଲା ହାରିଯାଇଥା'ନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସେ ଦେଶରେ ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ। 'ସମ୍ପୂର୍ଣ୍ଣ କ୍ରାନ୍ତି'ରେ ଯୋଡ଼ି ହୋଇଥିବା ବିରୋଧୀ ଦଳ ନେତା ଓ ଯୁବ ନେତୃତ୍ୱକୁ ଜେଲ୍ ପଠାଇବା ଘଟଣା ଦେଶର ରାଜନୈତିକ ସ୍ତରରେ ଏକ ନାଟକୀୟ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କଲା। ଦେଶରେ ଅଣକଂଗ୍ରେସ ମିଳିତ ସରକାରର ଭିତ୍ତିଭୂମି ପଡ଼ିଥିଲା ସେହି ସମୟରେ। ଇନ୍ଦିରାଙ୍କ ନିର୍ବାଚନ ପରାଜୟ ପରେ କ୍ଷମତାସୀନ ଜନତା ପାର୍ଟି ସରକାର ମାତ୍ର ୩ ବର୍ଷ ପାଇଁ ତିଷ୍ଠି ଥିଲା। ଏସବୁ ସତ୍ତ୍ୱେ ଯିଏ ଯେତେ କ୍ଷମତାଶାଳୀ ହେଉନା କାହିଁକି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେତେବେଳେ ଐକ୍ୟବଦ୍ଧ ଭାବେ ଲଢ଼ିବେ ସେ କ୍ଷମତାଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ। ତାହା ଥିଲା ଏକ ପ୍ରୟୋଗ ଓ ପରୀକ୍ଷା। ସମୟକ୍ରମେ ତାହା ସଫଳତା ଲାଭ କରିଥିବାର ଦୃଷ୍ଟାନ୍ତ ରହିଛି।

ବିହାର ବିଧାନସଭାର ଦୁଇମାସ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ଯାଞ୍ଚ (ଏସ୍ଆଇଆର) ଘୋଷଣା କରି ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଯାଞ୍ଚ ହୋଇଥିବା ଭୋଟର ତାଲିକାର ଏତେ ତରବରିଆ ଭାବେ ପୁଣି ବ୍ୟାପକ ଯାଞ୍ଚର ଆବଶ୍ୟକତା କ'ଣ ଥିଲା? ଯେଉଁ ଉଦ୍ଦେଶ୍ୟ ଆନୁଷ୍ଠାନିକ ଭାବେ ଦର୍ଶାଯାଇଥିଲା ତାହା ମଧ୍ୟ ସଠିକ ପରିଲକ୍ଷିତ ହୋଇନାହିଁ। ପ୍ରଚଳିତ ତାଲିକାରୁ ୬.୫ ନିୟୁତ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କୁ ମୃତ ଦର୍ଶାଯିବା ଘଟଣା ନେଇ ଯେତେ ସ୍ପଷ୍ଟୀକରଣ ଦିଆଯାଉନା କାହିଁକି ତାହା କାହାର ହୃଦ୍‌ବୋଧ ହୋଇନାହିଁ। ଏହି ପ୍ରେକ୍ଷାପଟ୍ଟରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ପ୍ରସ୍ତୁତ ଭୋଟର ତାଲିକାରେ ଜାଲିଆତି ସମ୍ପର୍କରେ ତଥ୍ୟ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ବିହାର ଏସ୍ଆଇଆର ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଭୋଟ ଅଧିକାର ଯାତ୍ରା' ସମଗ୍ର ବିହାରରେ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିରୋଧୀ ରାଜନେତା ଗୋଟିଏ ମଞ୍ଚରେ ଏକତ୍ର ହୋଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ଭବିଷ୍ୟତ କ'ଣ ହେବ ସେ ନେଇ କିଛି ଟିପ୍ପଣୀ ଦେବାର ଆବଶ୍ୟକତା ନାହିଁ। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଓ ରାହୁଲ୍‌ଙ୍କ 'ଭୋଟ ଅଧିକାର ଯାତ୍ରା' ସଂଯୋଗବଶତଃ ସେହି ବିହାରରୁ ଆରମ୍ଭ ହୋଇଛି। ତାହା ଥିଲା ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ। ଏବେ କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରେ ଇନ୍ଦିରାଙ୍କ ନାତି ରାହୁଲ୍ ପ୍ରଚଳିତ ଶାସନରେ ପରିବର୍ତ୍ତନ ଆଣିବା ସକାଶେ ଜନସମୁଦାୟକୁ ଐକ୍ୟବଦ୍ଧ ଭାବେ ସଂଗ୍ରାମର ନେତୃତ୍ୱ ଦେଉଛନ୍ତି। ୫୧ ବର୍ଷ ବ୍ୟବଧାନରେ କ୍ରମେ ପରିପକ୍ୱ ହେଉଥିବା ଭାରତୀୟ ଗଣତନ୍ତ୍ରରେ ପରିଲକ୍ଷିତ ବିଲକ୍ଷଣ ପୁଣି ଥରେ ସଂଗ୍ରାମ ସକାଶେ ବାଧ୍ୟବାଧକତା ସୃଷ୍ଟି କରିଛି।

ଏହାକୁ ଯଦି ଆମେ କ୍ଷମତାକୈନ୍ଦ୍ରିକ ଲଢ଼େଇ କହୁ ତେବେ ନିର୍ବାଚନ ଆୟୋଗଙ୍କ ଭୂମିକା ସ୍ପଷ୍ଟ ହେବା ଉଚିତ। ଘଟଣାକ୍ରମ ଜନମତକୁ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିରବତା ରକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଯୁକ୍ତି ଓ ଆକ୍ଷେପ ନିରପେକ୍ଷତାର ବହୁଦୂରରେ ଥିଲା। ସତେଯେପରି ସେ ସିଇସି ନଥିଲେ ଜଣେ ଚାବିଦିଆ ପ୍ରଶାସକର ଭୂମିକା ତୁଲାଉଥିଲେ। ଏକତରଫା ସତ୍ୟପାଠ ଓ କ୍ଷମାପ୍ରାର୍ଥନା ଦାବି କରି ସେ ଅଭିଯୋଗ ଓ ଆରୋପର ଯାଞ୍ଚକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମେସିନ୍‌ରେ ପଠନଯୋଗ୍ୟ ଭୋଟର ଡାଟା ପ୍ରକାଶକୁ ରୋକ୍‌ଠୋକ୍ ମନା କରିବା, ପିଡିଏଫ୍ ଫର୍ମାଟରେ ଯାଞ୍ଚର ସୁଯୋଗ ନଥିବା ବେଳେ ସେ ତାଞ୍ଚାକୁ ଓହ୍ଲାଇ ଆସିବାକୁ ପ୍ରସ୍ତୁତ ନ ହେବା ପଛରେ ସ୍ୱଚ୍ଛ ଓ ନିରପେକ୍ଷ ପ୍ରସଙ୍ଗ ଅସ୍ୱୀକାର କରିବା। ଏଠାରେ ମନେ ରଖିବାକୁ ହେବ ଯେ ନିର୍ବାଚନ ଆୟୋଗ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ଆସ୍ଥା ଓ ବିଶ୍ୱାସ ଉପରେ ତିଷ୍ଠି ରହିବ। ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତର ଆଦର୍ଶ ନିର୍ବାଚନ ପରିଚାଳନା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ଏବର ଘଟଣାବଳୀ ଉପରେ ସମସ୍ତ ବିଶ୍ୱବାସୀଙ୍କ ନଜର ରହିଛି। ଜ୍ଞାନେଶ କୁମାର ଅନ୍ତତଃ ତାହାର ଅମର୍ଯ୍ୟାଦା ନ କରନ୍ତୁ।

## ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।
-ଖଲିଲ୍ ଗିବ୍ରାନ୍

# ବରିଷ୍ଠଜନଙ୍କ ନିର୍ଜନତା: ଆଧୁନିକ ମହାମାରୀ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ଜରାଚିକିତ୍ସକମାନଙ୍କ ମତରେ ଆମ ଦେଶରେ ବୟସ୍କ ବ୍ୟକ୍ତିମାନେ ଅନେକାଂଶରେ ଅବହେଳିତ। ବିଭିନ୍ନ ସମୀକ୍ଷା, ସମ୍ବାଦପତ୍ରରୁ ମଧ୍ୟ ଏହି ତଥ୍ୟ ମିଳୁଛି। ସାମାଜିକ, ଆର୍ଥିକ, ମାନସିକ ଓ ଶାରୀରିକ ଦିଗରୁ ସେମାନେ କ୍ରମାଗତ ଶିକାର ହୋଇଚାଲିଛନ୍ତି ନିର୍ଯ୍ୟାତନାର। ବଡ଼ ଅନୁଶୋଚନାର ବିଷୟ ଯେ ନିଜ ହାତଗଢ଼ା ପରିବାରରେ ହିଁ ବରିଷ୍ଠ ବ୍ୟକ୍ତିମାନେ ଧୀରେ ଧୀରେ ଅଲୋଡ଼ା ହୋଇପଡୁଛନ୍ତି।

ପରିବାରରେ ସନ୍ତାନମାନଙ୍କ ଦ୍ୱାରା କିମ୍ବା ଚାକରବାକରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯ୍ୟାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ଏପରିକି ଘରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ କରିବା ପାଇଁ ନିଯୁକ୍ତମାନଙ୍କ ଆଡୁ ବି ମିଳୁଛି ନିର୍ଯ୍ୟାତନା। ନିଜ ସନ୍ତାନମାନଙ୍କ ତାଡ଼ନାର ଶିକାର ହୋଇ ଚାଲୁଥିବା ସତ୍ତ୍ୱେ ଅନେକେ, ବିଶେଷତଃ ମାଆମାନେ, ସନ୍ତାନ ବିରୋଧରେ ପାଟି ଖୋଲିବା ପାଇଁ ଚାହିଁ ନ ଥା'ନ୍ତି।

ବୟସ ବଢ଼ିଲେ ସ୍ୱାଭାବିକ ଭବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। 'ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣୁତେଣୁ କହିପକେଇବ'- ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ୍ୟ ହୁଏ। ବୟସ୍କମାନଙ୍କୁ ଅନ୍ୟମାନଙ୍କ ସହିତ ମିଳାମିଶା କରିବାକୁ ବାସନ୍ଦ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ।

ଅବସର ପରେ ସମସ୍ତଙ୍କ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳତା ନ ଥାଏ। ହୁଏତ ବ୍ୟକ୍ତିଟିର କିଛି ବ୍ୟକ୍ତିଗତ ସଭକ ଥାଏ। କିଛି କିଣି ଖାଇବା ପାଇଁ ତା'ର ଇଚ୍ଛା ହେଉଛି, କିମ୍ବା ଇଚ୍ଛା ଦେଉଛି କାହାକୁ କିଛି ଦେବା ପାଇଁ। ହେଲେ ପରିବାର ତରଫରୁ ତା'କୁ ଏଥିପାଇଁ ମନା କରାଯାଉଛି। ବ୍ୟକ୍ତିଟିର କ୍ରୟ କ୍ଷମତା ନାହିଁ ବୋଲି ତା'ର ଇଚ୍ଛା ଅନିଚ୍ଛାକୁ ପରିବାରରେ ଗୁରୁତ୍ୱ ଦିଆଯାଉନି। କିନ୍ତୁ ଗୋଟିଏ ପିଲା କ୍ଷେତ୍ରରେ ପରିବାର ତରଫରୁ ଏପରି ମନୋଭାବ ପୋଷଣ କରାଯାଇ ନ ଥାଏ। ବରିଷ୍ଠମାନଙ୍କ ପ୍ରତି ଏପରି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ। କେଇଜଣ ଅବା ଜାଣନ୍ତି ମନର କଥା? ଶାରୀରିକ, ସାମାଜିକ ଏବଂ ଆର୍ଥିକ ହୀନସ୍ତା ଧୀରେ ଧୀରେ ଡାକି ଆଣେ ମାନସିକ ସମସ୍ୟାକୁ।

ବୟସ ବଢ଼ିବା ସହିତ ମାନସିକ ଅବସାଦର ସମ୍ପର୍କ ରହିଛି। ଅବଶ୍ୟ ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ମାନସିକ ଅବସାଦ ହେବ, ଏପରି ନୁହେଁ। ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଚାଲିଗଲେଣି, ସନ୍ତାନ ଦୂରରେ ରହେ ବା ନିକଟରେ ଥିଲେ ମଧ୍ୟ ସମୟ ଦେଇ ପାରେନା...। ଏପ୍ରକାରର ନାନା ପରିସ୍ଥିତି ଆଦୌ ବିରଳ ନୁହେଁ। ଏକାକୀତ୍ୱର ସହିତ ଅବସାଦର ଏକ ଗଭୀର ସଂଯୋଗ ରହିଛି। ନିଃସଙ୍ଗତା ବା ଏକାକୀତ୍ୱକୁ କୁହାଯାଉଛି 'ମଡର୍ନ ଏପିଡେମିକ' ବା 'ଆଧୁନିକ ମହାମାରୀ'। ବୟସ୍କ ବ୍ୟକ୍ତିମାନଙ୍କ ଉପରେ ଏକାକୀତ୍ୱର ପ୍ରଭାବ ଆହୁରି ଅଧିକ। କାରଣ ଶରୀର ଦୁର୍ବଳ ହୋଇପଡ଼ିଲେ ଅନ୍ୟ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଯାହା ଉପରେ ନିର୍ଭର କରିଥା'ନ୍ତି, ତା'ଠାରୁ ଅବହେଳା ପାଇଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ମାନସିକ ଅବସାଦ, ଉତ୍କଣ୍ଠାଜନିତ ଅସୁସ୍ଥତା, ସ୍ମୃତି ହାନି ବା ଡିମେନ୍ସିଆ ଏବଂ ଆଲଜିମର୍ସ ଭଳି ସମସ୍ୟା ନିଃସଙ୍ଗ ବରିଷ୍ଠବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ।

ମାନସିକ ଅବସାଦ ଆମନ୍ତ୍ରଣ କରି ଆଣେ ଡିମେନ୍ସିଆ ବା ସ୍ମୃତିର ସମସ୍ୟା। ଠିକ ଭାବରେ କଥାବାର୍ତ୍ତା ବା ଭାବ ଆଦାନ ପ୍ରଦାନ କରି ନ ପାରିବା ଏବଂ ଏକାଧିକ କାର୍ଯ୍ୟକୁ ସୁଶୃଙ୍ଖଳ ଭାବରେ ସଂପାଦନ କରି ନ ପାରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଯେଉଁ ବ୍ୟକ୍ତିଟି ନିତିଦିନିଆ ଛୋଟଛୋଟ ବିଷୟକୁ ଭୁଲିଯାଏ, ତା'କୁ ଆମେ ନିଜ ଅଜାଣତରେ ବି ଅବହେଳା କରିଥାଉ। କହିଥାଉ ତୁମକୁ କହି କି ଲାଭ, ତୁମେ ତ କିଛି ବି ମନେ ରଖି ପାରୁନ। କିନ୍ତୁ କାନରେ ଭଲ ଶୁଣି ନ ପାରିଲେ ଏବଂ ତାହା ବଢ଼ିଚାଲିଲେ ଜାତ କରିପାରେ ମାନସିକ ଅବସାଦ। କିନ୍ତୁ ତାହା ସ୍ମୃତିହାନି ବୋଲି ଧରିନେବାରେ ବିପଦ ଅଛି।

ଜନୈକ ମହିଳାଙ୍କ ବୟସ ସତୁରି ବର୍ଷରୁ ଉର୍ଦ୍ଧ୍ୱ। ପ୍ରାକ୍ତନ ଶିକ୍ଷିକା। ଶିକ୍ଷିତ ମଧ୍ୟବିତ୍ତ ପରିବାର। ତାଙ୍କରି ଥିଲା କିଛି ମାନସିକ ସମସ୍ୟା। ପୁଅ ଓ ବୋହୂ ନାତିନାତୁଣୀଙ୍କୁ ସତର୍କ କରି କହିଛନ୍ତି - 'ଜେଜେମାଙ୍କ ପାଖକୁ ଯିବନି। ତାଙ୍କର ମୁଣ୍ଡ ଠିକ୍ ନାହିଁ। ତାଙ୍କ ପାଖକୁ ଗଲେ ତୁମର ପଢ଼ାଶୁଣାରେ କ୍ଷତି ହେବ।' ଏହିପରି ଭାବରେ ଅଲଗା କରି ରଖିବା ଏବଂ ପାରିବାରିକ ତଥା ସାମାଜିକ ସମାବେଶରେ ସାମିଲ ନ କରେଇବା ମଧ୍ୟ ମାନସିକ ହତାଦର। ସବୁ ସମୟରେ ଯେ ଇଚ୍ଛାକୃତ ଭାବରେ ଅବହେଳା ବା ହତାଦର କାଯାଇଥାଏ, ତାହା ନୁହେଁ। ଅଜ୍ଞତା ଯୋଗୁଁ ମଧ୍ୟ ଏପରି ହୋଇଯାଇପାରେ। ତେଣୁ ଏସବୁକୁ ନେଇ ମନୋବିଜ୍ଞାନୀ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିରାପଦ।

ବୟସ ବଢ଼ିଲେ ଶାରୀରିକ ଓ ଆର୍ଥିକ ନିର୍ଭରଶୀଳତା ଅପେକ୍ଷା ବେଶୀ ବଢ଼ିଥାଏ ମାନସିକ ନିର୍ଭରଶୀଳତା। ସମର୍ଥ ବରିଷ୍ଠ ବ୍ୟକ୍ତିମାନେ ଚାହିଁଥା'ନ୍ତି ଦିନମାନ ଭିତରେ କୌଣସି ନା କୌଣସି ସମୟରେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହିତ ସମୟ କଟେଇବା ପାଇଁ। ବୁଢ଼ାବୁଢ଼ୀଙ୍କ ଦେଖାଶୁଣା କରିବା ପାଇଁ ପରିବାରର ଲୋକ ଅନ୍ୟମାନଙ୍କୁ ଦରମାଦେଇ ନିଯୁକ୍ତି କରିଥା'ନ୍ତି କେତେକ ପରିବାରରେ। ଜନ୍ମଦିନରେ ଉପହାର ଆଣି ଦିଅନ୍ତି। ହେଲେ ଏସବୁ ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇ ନ ଥାଏ। ଦରମା ନେଇ ନିଯୁକ୍ତ ହୋଇଥିବା ସେବାକାରୀଙ୍କଠାରୁ ବି ନିର୍ଯ୍ୟାତନା ପାଇବାର ଉଦାହରଣ ଭୂରି ଭୂରି।

ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କ କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ତା'ଛଡ଼ା ପରିବାରରେ ଥା'ନ୍ତି ବିଭିନ୍ନ ପ୍ରଜନ୍ମର ସଦସ୍ୟ। ପ୍ରତ୍ୟେକଙ୍କ ମଧ୍ୟରେ ସୁସ୍ଥ ସ୍ୱାଭାବିକ ସଂପର୍କ ରକ୍ଷା କରିବା ଖୁବ୍ ଜରୁରୀ। ପରିବାରର ଛୋଟ ସଦସ୍ୟମାନଙ୍କ ସହିତ ବରିଷ୍ଠ ସଦସ୍ୟମାନଙ୍କର ସୁସମ୍ପର୍କ ତଥା ସୁସଂଯୋଗ ଥିଲେ ବରିଷ୍ଠମାନଙ୍କ ପ୍ରତି ହତାଦର ତଥା ଅବହେଳା ଅନେକାଂଶରେ ଏଡ଼ାଇଦେଇ ହୁଏ। ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ବନ୍ଦ କରିବାର ଅନ୍ୟତମ ଉପାୟ ସଚେତନତା ବୃଦ୍ଧି। ଏହା ସଙ୍ଗେ ସଙ୍ଗେ ବରିଷ୍ଠମାନଙ୍କ ମନକୁ ଭଲ ରଖିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବରିଷ୍ଠ ନାଗରିକମାନେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏକାଠି ହୋଇ ପରସ୍ପର ମଧ୍ୟରେ ଗପସପ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ଅସୁସ୍ଥ ସହଯୋଗୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ଆଇନ ଅଦାଲତର ବ୍ୟବସ୍ଥାରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଯେଉଁ ପରିବାରରେ କୌଣସି ବରିଷ୍ଠ ବ୍ୟକ୍ତି ଅବହେଳିତ ହେଉଥିବାର ଜାଣିଲେ ସେହି ପରିବାରର ସଦସ୍ୟମାନଙ୍କୁ ଭେଟି ଗଠନମୂଳକ ପରାମର୍ଶ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇପାରେ।

ତେବେ ବୟସ୍କମାନେ ନିଜର ପ୍ରକୃତ ବୟସକୁ ଭୁଲି ୬୦ ବର୍ଷ ବୟସ ପରେ ୬୧, ୬୨, ୬୩ ବର୍ଷ ଇତ୍ୟାଦିକୁ ଯଥାକ୍ରମେ ୧ ବର୍ଷ, ୨ ବର୍ଷ, ୩ବର୍ଷ... ବୋଲି କହିବାଟା ଆନନ୍ଦଦାୟକ, ହାସ୍ୟୋଦ୍ଦୀପକ ଏବଂ ଇତିବାଚକ ମାନସିକତା। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତ୍ରୀ, ସେମାନେ ଯେପରି ନିଜନିଜର ଅବଶିଷ୍ଟ ଜୀବନକାଳ ସମ୍ମାନର ସହ ବଞ୍ଚିରହିବେ - ଏହା ଦେଖିବା ପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।

କଟକ, ମୋ: ୯୪୩୭୭୬୬୧୧୭

# ସଂସ୍କୃତି-ସଂପ୍ରୀତିର ମହୋତ୍ସବ ନୂଆଖାଇ

ନିହାର ରଞ୍ଜନ ସାବତ

ପବିତ୍ର ଭାରତ ଭୂମିରେ ଯେଉଁ ଅସଂଖ୍ୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ଯୁଗ ଯୁଗ ଧରି ଚାଲି ଆସିଛି, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଧାରବିଶିଷ୍ଟ ଉତ୍ସବ ରୂପେ ପ୍ରତିଷ୍ଠିତ ଓଡ଼ିଶାର ପଶ୍ଚିମାଞ୍ଚଳର ଗଣପର୍ବ 'ନୂଆଖାଇ' ଅନ୍ୟତମ। 'ନୂଆ' ଅର୍ଥାତ୍ 'ନବ' ଏବଂ 'ଖାଇ' ଅର୍ଥାତ୍ 'ଭୋଜନ' ପରି ଦୁଇଟି ସରଳ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଥିବା 'ନୂଆଖାଇ' ଶବ୍ଦଟି କେବଳ ଭାଷାଗତ ସଂଯୋଜନା ନୁହେଁ, ବରଂ ଏହା ହେଉଛି ମାନବ ସଭ୍ୟତାର ମୌଳିକ ଆଦର୍ଶ, ପ୍ରକୃତି ସହିତ ସାମଞ୍ଜସ୍ୟ, ଆଧ୍ୟାତ୍ମିକ ଉନ୍ନତି ଓ ସାମାଜିକ ଐକ୍ୟର ଏକ ଅତୁଳନୀୟ ସମ୍ମିଶ୍ରଣ। ଏହି ଉତ୍ସବ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ବରଂ ଏହା ପ୍ରକୃତିମାତାଙ୍କର ଅପାର କରୁଣା, କୃଷକମାନଙ୍କର ନିରନ୍ତର ସଂଘର୍ଷ, ପରିବାର ଓ ସମାଜର ଦୃଢ଼ ସଂହତି ଏବଂ ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଓ କୃତଜ୍ଞତାର ସୁନ୍ଦର ମିଶ୍ରଣ କରାଉଥିବା ଏକ ବ୍ୟାପକ ଜୀବନଦର୍ଶନର ପରିପ୍ରକାଶ। ବୈଦିକ ଯୁଗର ଗଭୀରତମ ତତ୍ତ୍ୱରୁ ଆରମ୍ଭ ହୋଇ ଆଜିର ଆଧୁନିକ ଯୁଗର ଆହ୍ୱାନ ମଧ୍ୟରେ ନିଜର ପ୍ରାସଙ୍ଗିକତା ବଜାୟ ରଖିଥିବା ଏହି ଅନୁପମ ପରମ୍ପରା ଯୁଗ ଯୁଗ ଧରି ଅଗଣିତ ଲୋକଙ୍କ ହୃଦୟରେ ଆଶା, ଉତ୍ସାହ ଓ ଆଧ୍ୟାତ୍ମିକ ଆନନ୍ଦର ସଞ୍ଚାର କରିଆସୁଛି।

ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ ଓ ତେଲ ଇତ୍ୟାଦି ନଦୀର ପବିତ୍ରଜଳ ଦ୍ୱାରା ସେଚିତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଏକ ବିସ୍ତୀର୍ଣ୍ଣ କୃଷିଭିତ୍ତିକ ଅଞ୍ଚଳରେ ବିପୁଳ ପାରମ୍ପରିକ ଉତ୍ସାହ, ଉଦ୍ଦୀପନା, ଶ୍ରଦ୍ଧା ଓ ଭକ୍ତିର ସହିତ ନୂଆଖାଇ ଉତ୍ସବ ପାଳିତ ହୋଇଥାଏ। କୃଷକମାନେ ଖୁବ ଧରିଆସୁଥିବା ଧାନକେଣ୍ଡାର ଗର୍ଭଣା ଅଂଶ ପ୍ରଥମ ଅର୍ଘ୍ୟ ସ୍ୱରୂପ ମା'ଙ୍କୁ ଅର୍ପଣ କରନ୍ତି। ଏଥିସହିତ ଛୋଟଛୋଟ ପଡ଼ାଗାଁଠାରୁ ଆରମ୍ଭ କରି ବଡ଼ବଡ଼ ସହର ପର୍ଯ୍ୟନ୍ତ, ସବୁ ପରିବାର, ସବୁ ବର୍ଗରେ ଏହା ଏକ ଅତ୍ୟନ୍ତ ପବିତ୍ର, ଭକ୍ତିମୟ ଆଧ୍ୟାତ୍ମିକ ଉତ୍ସବ ରୂପେ ପାଳନ କରାଯାଏ। ଏହାର ସାଂସ୍କୃତିକ ପ୍ରଭାବ କେବଳ ଓଡ଼ିଶାର ସୀମାରେ ସୀମିତ ନହୋଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ବସ୍ତର, ରାୟପୁର, ବିଳାସପୁର ଓ ଦୁର୍ଗ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ, ଷଢ଼େଇକଳା, ଖରସୁଆଁ, ରାଞ୍ଚୀ ଓ ହଜାରୀବାଗ ଭଳି ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ସମ୍ବଲପୁରୀ-କୋଶଳୀ ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାଭାଷୀ ଲୋକମାନେ ନିଜ ନିଜ ଭାଷାଗତ ବିଶେଷତ୍ୱ ସହିତ ଏହି ପର୍ବକୁ ପାଳନ କରି ସାଂସ୍କୃତିକ ବୈଚିତ୍ର୍ୟ ମଧ୍ୟରେ ଏକ ଅପୂର୍ବ ସୁସଙ୍ଗତି ସୃଷ୍ଟି କରନ୍ତି।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା) ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି 'ପଞ୍ଚଯଜ୍ଞ' କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ଐତିହାସିକ ତଥ୍ୟ ଅନୁସାରେ, ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ 'ନୂଆଖାଇ'କୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ଧାର୍ମିକ ସମନ୍ୱୟ ସହିତ ସାମାଜିକ ଐକ୍ୟ, ସାଂସ୍କୃତିକ ଏକତା ଓ ରାଜନୈତିକ ସ୍ଥିରତା ଆଣିବା ନିମନ୍ତେ ଏହା ଥିଲା ଏକ ମହତ ପ୍ରୟାସ। ବିଭିନ୍ନ ରାଜବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତା, କବି ଓ ପଣ୍ଡିତମାନଙ୍କର ବୌଦ୍ଧିକ ସମର୍ଥନ ଏବଂ ଜନସାଧାରଣଙ୍କର ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସମନ୍ୱୟରେ ଏହା ଏକ ଗଣପର୍ବର ରୂପ ନେଇଥିଲା। 'ନୂଆଖାଇ ଭେଟଘାଟ' ଏହି ମହାନ୍ ପର୍ବର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ, ହୃଦୟସ୍ପର୍ଶୀ ଓ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗଠନମୂଳକ ଦିଗ। ସମସ୍ତ ଭେଦଭାବ ଭୁଲି ଏହି ଅନୁପମ ସମାବେଶରେ ଲୋକମାନେ ପରସ୍ପରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା, ବୟୋଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ, କନିଷ୍ଠମାନଙ୍କୁ ସ୍ନେହ ଓ ଆଦର ପ୍ରଦାନ, ପାରମ୍ପରିକ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ, ଲୋକସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଚିତ୍ତ ବିନୋଦନ ତଥା ସାମୂହିକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ମାଧ୍ୟମରେ ସାମାଜିକ ବନ୍ଧନକୁ ଅଧିକରୁ ଅଧିକ ଦୃଢ଼, ଗଭୀର ଓ ସ୍ଥାୟୀ କରି ଗଢ଼ିତୋଳନ୍ତି।

ନୂଆଖାଇ ପର୍ବର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥା, ସ୍ଥାନୀୟ ବାଣିଜ୍ୟ, ହସ୍ତତନ୍ତ ଶିଳ୍ପ, କୃଷିଜାତ ଦ୍ରବ୍ୟର ବିତରଣ ଓ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଓ ଜୈବ ବିବିଧତା ହ୍ରାସ ଭଳି ବଡ଼ ସମସ୍ୟାମାନଙ୍କର ସମାଧାନ କ୍ଷେତ୍ରରେ ପ୍ରକୃତି ସହିତ ସାମଞ୍ଜସ୍ୟ, କୃଷି ଓ ପରିବେଶ ପ୍ରତି ସମ୍ମାନ, ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଓ ପାରମ୍ପରିକ କୌଶଳ ପ୍ରତି ନିର୍ଭରଶୀଳତା ଭଳି 'ନୂଆଖାଇ' ପର୍ବର ମୌଳିକ ଦର୍ଶନଗୁଡ଼ିକ ଦିଗଦର୍ଶନ ପ୍ରଦାନ କରିଥା'ନ୍ତି। ଏହା ଆମର ଅତୀତର ଗୌରବମୟ ଐତିହ୍ୟ, ବର୍ତ୍ତମାନର ଜୀବନ୍ତ ବାସ୍ତବତା ଓ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାର ଏକ ଅପୂର୍ବ, ସମ୍ପୂର୍ଣ୍ଣ ଓ ସୁସଙ୍ଗତ ସମନ୍ୱୟ।

ଆଜିର ଯୁଗରେ ଯେତେବେଳେ ଅତ୍ୟାଧୁନିକ ଯନ୍ତ୍ରଯୁଗ, ଅନିୟନ୍ତ୍ରିତ ବସ୍ତୁବାଦ, ଅସୀମ ଭୋଗବିଳାସ ଓ ଆତ୍ମକୈନ୍ଦ୍ରିକ ଜୀବନଦର୍ଶନ ମାନବୀୟ ମୂଲ୍ୟବୋଧ, ପାରସ୍ପରିକ ସମ୍ପର୍କ, ପ୍ରାକୃତିକ ସନ୍ତୁଳନ ଓ ଆଧ୍ୟାତ୍ମିକ ଚେତନାକୁ ଗଭୀର ସଙ୍କଟରେ ପକାଇ ଦେଇଛି, 'ନୂଆଖାଇ' ଭଳି ପାରମ୍ପରିକ ଉତ୍ସବର ଚିରନ୍ତନ ବାର୍ତ୍ତା, ପ୍ରାଚୀନ ଜ୍ଞାନ ଓ ସାମଗ୍ରିକ ଜୀବନଦର୍ଶନ ଆମକୁ ପ୍ରକୃତ ସୁଖ, ଶାନ୍ତି, ସଂପ୍ରୀତି ଓ ସମୃଦ୍ଧିର ପଥ ଦେଖାଇବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ।

ଭୁବନେଶ୍ୱର, ମୋ: ୯୭୭୭୦୧୧୯୬୮

# ସାହିତ୍ୟ-ସୈନିକ ଦତ୍ତାତ୍ମା ଦୟାନିଧି ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପରାଧୀନ ଭାରତବର୍ଷରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା ପୁଣି ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିକୃତି? ଏପରି ଦୁଃସାହସିକ କାର୍ଯ୍ୟ କାହା ଦ୍ୱାରା ସମ୍ଭବ? ଏ ପ୍ରଶ୍ନ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ତୁମୁଳ ଆଲୋଡ଼ନ। ଏକଥା ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ଏହି ଅପୂର୍ବ ଶକ୍ତି ପ୍ରଦର୍ଶନ କରିଛନ୍ତି ସଂଗ୍ରାମୀ ସାହିତ୍ୟ ସାଧକ ଦୟାନିଧି ମିଶ୍ର। ସେତେବେଳେ ସେ କଟକ ରେଭେନ୍ସା କଲେଜ ଛାତ୍ର। ପରିପୂର୍ଣ୍ଣ ଯୌବନ-ନଦୀରେ ଉଚ୍ଛୁଳି ଉଠୁଥିଲା ଯେଉଁ ଆବେଗମୟ ଭାବସ୍ରୋତ, ତାହା ଭାରତ ଜନନୀଙ୍କ ପ୍ରତି ଆନ୍ତରିକ ଭକ୍ତି ନୈବେଦ୍ୟ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଭୂମିଷ୍ଠ ହୋଇଥିଲେ ସେ। ସାହିତ୍ୟର ଦେବୀସତ୍ତା ସରସ୍ୱତୀ, ଉତ୍କଳ ଭାରତୀ ଆଉ ଭାରତ ଜନନୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପରିଚାଳିତ ହେଉଥିଲା ତାଙ୍କ ଜୀବନଧାରା। ସାହିତ୍ୟ ସାଧନା ସେହି ଦିବ୍ୟ ମାତୃଚେତନାର ଆରାଧନା ବ୍ୟତୀତ ଆଉ କିଛି ନଥିଲା। ଗଳ୍ପ, କବିତା, ଉପନ୍ୟାସ ରଚନାରେ ନିଜକୁ ନିୟୋଜିତ କରି ରଖିଛନ୍ତି ସେ ମନ୍ଦିରର ନିଷ୍ଠାପର ପୂଜକଠାରୁ କାହିଁ କେତେ ଗୁଣରେ ଅଧିକ ସମର୍ପିତ ହୋଇ। 'ବିରହ ବଂଶୀ', 'କବିତାକୁଞ୍ଜ' ତାଙ୍କ ହୃଦୟର ଆବେଗସ୍ନାତ କବିତାବଳୀ। ଜନମାନସ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ସେ ଲେଖିଥିଲେ 'ଗାନ୍ଧୀଙ୍କର ମନ୍ତ୍ରେ ଗୋପବନ୍ଧୁ ଆଜି / ଅହିଂସା ଧର୍ମର ବ୍ରତୀ / ଆଳସ୍ୟ ତେଜିଣ ଜାଗ ଉତ୍କଳୀୟ / ଦେଶ ପ୍ରେମେ ଯାଅ ମାତି।'

'ସୁଭଦ୍ରା', 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ' ଉପନ୍ୟାସ ତାଙ୍କର ଏପରି ତିନୋଟି କୃତି, ଯାହା ମହିମାଦୀପ୍ତ ଚରିତ୍ରଙ୍କ ଅନ୍ତର୍ଗତ ଭାବସତ୍ୟ ଉନ୍ମୋଚନ କରିବା ସହିତ ଭବିଷ୍ୟତ ପିଢ଼ି ନିମିତ୍ତ ସଂରକ୍ଷିତ ରଖିଦେଇଛି ଦେଶପ୍ରେମର ମହିମ୍ନ ସ୍ମରଣ। ଲେଖକଙ୍କ ଦୃଷ୍ଟିରେ 'ସଂଯୁକ୍ତା' ଉପାଖ୍ୟାନ ପୁରାତନ ହୋଇ ବି ନିତ୍ୟନୂତନ। 'ମାନଭଞ୍ଜନ', 'ନୟନତାରା' ତାଙ୍କ ସାମାଜିକ ଉପନ୍ୟାସ। ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଆଧୁନିକ ଶୈଳୀ-ସମୃଦ୍ଧ ଉପନ୍ୟାସ 'ନୟନତାରା'କୁ ଯେଉଁ ଉଚ୍ଚତର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ସେଥିରୁ ପ୍ରତିପାଦିତ ହୋଇଯାଏ ଓଡ଼ିଆ ଉପନ୍ୟାସର ଆଦିକାଳରେ ଦୟାନିଧିଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ।

'କଥା କଦମ୍ବ' ତାଙ୍କର ଏକ ଗଳ୍ପ ସଂକଳନ। ବିଷୟବସ୍ତୁର ବିବିଧତା ଏଥିରେ ଯେକେହି ଲକ୍ଷ୍ୟ କରିବା ସ୍ୱାଭାବିକ। ସାମାଜିକ ହେଉ ବା ଐତିହାସିକ, ସର୍ବତ୍ର ଓଡ଼ିଆ ଭାଷା ପ୍ରତି ମମତା, ସମ୍ବଲପୁର ମାଟିର ସ୍ୱାଭିମାନ ଓ ସ୍ୱଦେଶ ପ୍ରତି ସୁଗଭୀର ଅନୁରକ୍ତି ସ୍ଫୁରିତ ହୋଇଛି ମର୍ମଭେଦୀ ରୂପରେ। 'ଶାନ୍ତି' ଶୀର୍ଷକ ଗଳ୍ପରେ ସେ ଲେଖୁଛନ୍ତି - 'ମରହଟ୍ଟାମାନେ ଯୁଦ୍ଧରେ ପରାଜିତ ହେଲେ। ମା' ସମଲେଶ୍ୱରୀଙ୍କ ବିଜୟ-ପତାକା ବାରପାହାଡ଼ର ଶିଖର ଦେଶରେ ସଂସ୍ଥାପିତ ହେଲା।' ପୌରାଣିକ ଚେତନା ଆଧାରରେ ସେ ଲେଖିଛନ୍ତି 'ସୁଭଦ୍ରା', 'ରୋହିଣୀ', 'ଧ୍ରୁବ' ପୁସ୍ତକ। ଐତିହାସିକ, ପୌରାଣିକ ଅଥବା ସାମାଜିକ ଯେକୌଣସି କଥାବସ୍ତୁ ଅବଲମ୍ବନରେ ସେ ଯାହା ଲେଖନ୍ତୁ ନା କାହିଁକି ସର୍ବତ୍ର ଭାରତୀୟ ଜାତୀୟତାର ଭାବ ଲେଖକଙ୍କୁ ରଖିଛି ଭାବମଗ୍ନ। ସେ ପୁଣି ସାହିତ୍ୟ ପତ୍ରିକା 'ମୁକୁର'ର ଥିଲେ ସହସମ୍ପାଦକ। ଗଙ୍ଗାଧରଙ୍କ ଶେଷ କାବ୍ୟ 'ପଦ୍ମିନୀ'ର କେତୋଟି ସର୍ଗ ପ୍ରକାଶ କରି ସେ ହୋଇଛନ୍ତି ଗୌରବାନ୍ୱିତ। ଗଙ୍ଗାଧର ଯେଉଁ ରାଜସ୍ଥାନ ଇତିହାସ ପାଠକରି 'ପଦ୍ମିନୀ' ରଚନା କରିଥିଲେ ଦୟାନିଧି ତାହା ହିଁ ଅଧ୍ୟୟନ କରି ଲେଖିଲେ ରାଣାପ୍ରତାପ ସିଂହ। 'ମୁକୁର' ପତ୍ରିକା ମାଧ୍ୟମରେ ଓଡ଼ିଆ ଅସ୍ମିତାର ଜାଗରଣ ସକାଶେ ସେ ଯୁବପିଢ଼ି ଭିତରେ ସୃଷ୍ଟି କରିଛନ୍ତି ନବ ଉନ୍ମାଦନା, ନବୀନ ଉଦ୍ଦୀପନା, ତେଜୋଦୀପ୍ତ ପ୍ରାଣାବେଗ।

ଦିବ୍ୟଜନନୀ ନିର୍ବାଚନ କରନ୍ତି ସେଇ ଆଧାରକୁ, ଯିଏ ବ୍ୟକ୍ତିଗତ ସଫଳତା ବିଫଳତାରୁ ନିଜକୁ କରିଦେଇ ପାରିଛି ଉତ୍ତୀର୍ଣ୍ଣ। ଦୟାନିଧି ମିଶ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁ ପାବଚ୍ଛ ଉପରେ ଆରୋହଣ କରିପାରିଥିଲେ, ସେଠାକୁ ଯାତ୍ରା କରିପାରନ୍ତି ସେହିମାନେ, ଯେଉଁମାନେ ନିଜ ପାଇଁ ନୁହେଁ, ବିବେକାନନ୍ଦଙ୍କ ଭାଷାରେ କହିଲେ: 'ମା'ଙ୍କ ପାଇଁ ବଳୀ ପ୍ରଦତ୍ତ। ସମ୍ପୂର୍ଣ୍ଣ ସମର୍ପିତ।' ଦୟାନିଧି ଥିଲେ ସେହି ପର୍ଯ୍ୟାୟର ସାହିତ୍ୟ-ସୈନିକ। ଯେଉଁ କବି ଲେଖକଙ୍କୁ ଏ ଜାତି କ୍ରମଶଃ ବିସ୍ମରି ଯାଉଛି ସେମାନଙ୍କୁ ପୁନଃପଠନ ଦ୍ୱାରା ପୁନଃ ପୁନଃ ଆବିଷ୍କାର କରିବା ହିଁ ହେଉଛି ଆଜିର ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗଣେଶ ପୂଜାରେ ଅଘଟଣ

## ନାଚୁନାଚୁ ଟଳିପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ସମିସ): ଗଣେଶ ପୂଜା ପାଇଁ ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀ ମେଳରେ ଗୀତର ତାଳେତାଳେ ନାଚୁଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମସ୍ଥିତ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ। ମୃତ ଛାତ୍ରଜଣକ ହେଲେ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରୀତମ। ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ପ୍ରିୟାଂଶୁ ସ୍କୁଲରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବାବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କ ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପୁଷ୍ପାଞ୍ଜଳି ବେଳେ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ, ୨୭।୮(ସମିସ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କୁ ପୁଷ୍ପାଞ୍ଜଳି ଦେଉଥିଲା ବେଳେ ଟଳି ପଡିଲେ ଜଣେ ଶିକ୍ଷକ। ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ହେଲେ ଚନ୍ଦନ କୁମାର ଜେନା (୩୫)। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେଲକୋଇ ଥାନା ପୁଲିସ ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ଫୁଲ ତୋଳିବାବେଳେ ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୭।୮(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖିରକୋଣୀ ଗ୍ରାମର ଜଣେ ବ୍ୟକ୍ତି ଆଜି ଗଣେଶ ପୂଜା ପାଇଁ ପୋଖରୀ ହୁଡ଼ାରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିବାବେଳେ ଗୋଡ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ପୌରାଞ୍ଚଳ ୧୯ ନମ୍ବର ୱାର୍ଡ ଖୀରକୋଣି ଗ୍ରାମର ସୁରେନ୍ଦ୍ର ମହାଳିକ (୫୦) ଆଜି ସକାଳେ ଗଣେଶ ପୂଜା ପାଇଁ ଘର ନିକଟସ୍ଥ ଏକ ପୋଖରୀ ଆଡିରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ନିକଟରେ ତାଙ୍କ ଗାମୁଛା ପଡିଥିବାର ଦେଖି ପୋଖରୀରେ ଖୋଜିଥିଲେ। ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

## ହୀରାକୁଦ ଜଳସ୍ତର ୬୨୨.୧୦ ଫୁଟ୍, ୨ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ସମିସ) : ଉପରମୁଣ୍ଡରେ ବର୍ଷା କମିଯାଇଥିବାବେଳେ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୧୦ ଫୁଟ୍ ରହିଛି। ନଦୀବନ୍ଧର ମୋଟ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୧୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୧୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୩୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୧,୫୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୬,୩୨୭ ଘନଫୁଟ୍, ଖଇରମାଳଠାରେ ୧,୬୨,୦୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଳୀଠାରେ ୩,୩୧,୯୬୩ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୧୯ ଫୁଟ୍ ରହିଥିଲା।

## ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ତେଲକୋଇ, ୨୭।୮(ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜି ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତରମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଳଲହଡ଼ା ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

## ଜେଲ୍ ଗଲେ ଓଏଫ୍ଏସ୍ ଅଧିକାରିଣୀ

ଭୁବନେଶ୍ୱର, ୨୭।୮ (ସମିସ):ଲାଞ୍ଚ ନେବାବେଳେ ଧରାପଡ଼ି ଭିଜିଲାନ୍ସ ସ୍କାନରକୁ ଆସିଥିବା ଆସିଷ୍ଟାଣ୍ଟ ଟାକ୍ସ କମିସନର ତଥା ଓଏଫ୍ଏସ୍ ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ସର୍କଲ ୪ର ଆସିଷ୍ଟାଣ୍ଟ କମିସନର ସରିତା ବାରିକ ଜଣେ ବେକେରି ଦୋକାନ ମାଲିକଙ୍କୁ ୨ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଓ ଟିକସ ପ୍ରଦାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଦୋକାନୀ ଜଣକ ସମାଧାନ ଅନୁରୋଧ କରିବା ପରେ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋକାନୀ ଜଣକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାପରେ ମାମଲା ରୁଜୁ କରିଥିଲା। ଗତକାଲି ମଧୁସୂଦନ ନଗର ଅଞ୍ଚଳରେ ସରିତା ନିଜ କାର ଭିତରେ ବସି ଦୋକାନୀଙ୍କ ଠାରୁ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ସରିତାଙ୍କୁ ମାଡ଼ି ବସିଥିଲା।

## ଓସ୍କାର ଦୌଡ଼ରେ ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା

■ ଅନ୍ତରାଷ୍ଟ୍ରୀ ସିନେମାର ସହପ୍ରଯୋଜନା କରି ରାଜ୍ୟ ପାଇଁ ଆଣିଲେ ଗୌରବ
■ 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ

ଭୁବନେଶ୍ୱର,୨୭।୮(ସମିସ): ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ର 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ ହୋଇଛି। ଏହି ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୨ଥର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜା। ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପାପୁଆ ନ୍ୟୁ ଗିନି ସହ ଭାରତର ଏହି ପ୍ରଥମ ପ୍ରଡକ୍ସନ ଫିଚର ଫିଲ୍ମ ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଣ୍ଟ୍ରିରେ ଅନୁମୋଦିତ ହୋଇଛି।

ସୂଚନା ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ନ୍ୟୁଗିନିର ମୁକ୍ତି ସଂଗ୍ରାମରେ ଭାରତୀୟ ସେନାଙ୍କ ଅବଦାନ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଏଥିରେ ବହୁ ଭାରତୀୟ ସେନାଙ୍କ ବଳିଦାନ ଲୁକ୍କାୟିତ ହୋଇ ରହିଯାଇଥିଲା। ସେମାନଙ୍କ ବଳିଦାନକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପପୁଆ ନ୍ୟୁ ଗିନି ସରକାର ଓ ଅକ୍ଷୟ ପରିଜାଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବାକୁ ୨୦୧୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ପ୍ରେରଣା ଦେଇଥିଲେ। ଏହାସହ ୨୦୨୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପପୁଆ ଗିନି ଗସ୍ତ ବେଳେ ସେହି ଦେଶ ସହ ଭାରତର ସାଂସ୍କୃତି ଓ ପାରମ୍ପରିକ ସମ୍ପର୍କ କିଭଳି ସୁଦୃଢ଼ ଥିଲା ସେନେଇ ମଧ୍ୟ ଉତ୍ସାହିତ ହୋଇଥିଲେ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୧୭ର ପାଇକବିଦ୍ରୋହ ଭଳି ପାପା ବୁକା ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଏହାସହ ଭାରତୀୟ ସେନାଙ୍କ ବୀରତ୍ୱର କାହାଣୀ ମଧ୍ୟ ରହିଛି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ୩ଥର ଜାତୀୟ ପୁରସ୍କାରପ୍ରାପ୍ତ ଡ. ବିଜୁ କୁମାର ଦାମୋଦରନ୍। ଏହି ଚଳଚ୍ଚିତ୍ରଟି ପପୁଆ ନ୍ୟୁ ଗିନିର ୫୦ତମ ସ୍ୱାଧୀନତା ବାର୍ଷିକୀ ପାଳନ ଅବସରରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମରେ ଭାରତୀୟ ଅଭିନେତା ରୀତାଭରି ଚକ୍ରବର୍ତ୍ତୀ ଓ ପ୍ରକାଶ ବାରେ ନିଖୁଣ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗ୍ରାମି ବିଜେତା ପଦ୍ମଶ୍ରୀ ରିକି କେଜ୍।




ଚଳଚ୍ଚିତ୍ର ଟି ନିର୍ମାଣରେ ସମସ୍ତଙ୍କ ବୈଷୟିକ ଟିମ୍ ମଧ୍ୟ ଭାରତୀୟ।

ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓଡ଼ିଆ ସିନେମାର ୯୦ ବର୍ଷର ଇତିହାସରେ ପ୍ରଥମ ପ୍ରଯୋଜକ ଯିଏକି ଏଭଳି ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଅକ୍ଷୟ ପରିଜା ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ମାଲାୟଲମ୍ ସିନେମା ନିର୍ମାଣ କରିଛନ୍ତି। ୧୮୧୭ ମସିହା ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ତାହାକୁ ମଧ୍ୟ କାହାଣୀର ରୂପ ଦେଇ ନିର୍ମାଣ କରିଛନ୍ତି ଚଳଚ୍ଚିତ୍ର। ଯାହାବି ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ସେ ସର୍ବଦା ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରି ଆସିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ଅବଶିଷ୍ଟାଂଶ...

## ଦେଶର ୧୦ ଲକ୍ଷରୁ...

ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ଅଟୋ ପାର୍ଟସ୍, ରାସାୟନିକ ପଦାର୍ଥ, ଔଷଧ, ସାମୁଦ୍ରିକ ଖାଦ୍ୟ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ବଡ଼ ଆଘାତ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ପ୍ରାୟ ୧୦ ଲକ୍ଷ ଲୋକଙ୍କ ଚାକିରି ଏବେ ବିପଦରେ। ବର୍ଦ୍ଧିତ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ପ୍ରାୟ ୩୫% ମହଙ୍ଗା ହୋଇଯିବ। ଏପରି ପରିସ୍ଥିତିରେ, ଆମେରିକୀୟ କ୍ରେତା ଭାରତ ପରିବର୍ତ୍ତେ ଚୀନ୍, ଭିଏତନାମ ଓ ବାଂଲାଦେଶ ଭଳି ଦେଶରୁ ସାମଗ୍ରୀ କିଣିବାକୁ ପସନ୍ଦ କରିବେ।

## ଦକ୍ଷିଣରେ ବନ୍ୟା...

ଇନ୍ଦ୍ରାବତୀ ଅବବାହିକାରେ ବି ଭଲ ବର୍ଷା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ପ୍ରାୟ ସବୁ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଆହୁରି ତଳକୁ ଆସିବ। ବର୍ତ୍ତମାନ ବୈତରଣୀରେ ପାଣି କମିଯାଇଛି। ତଳିଆ ଅଞ୍ଚଳରୁ ପାଣି କମିବାକୁ ସମୟ ଲାଗିବ। ପାଣି କମିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୩୦-୪୦ ଓ ଝଟକା ପବନ ୫୦ କିମି ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି।

## ୫୨ଲକ୍ଷ ଚାଷୀଙ୍କୁ...

ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୩୦ଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

## ଅଟକୁନି ଭୂସ୍ଖଳନ...

ମିମି ବର୍ଷା ରେକର୍ଡ କରାଯାଇଛି। ଏହାପୂର୍ବରୁ ୫୨ ବର୍ଷ ତଳେ ୧୯୭୩ ଅଗଷ୍ଟ ୯ରେ ୨୭୨.୬ ମିମି ବର୍ଷା ହୋଇଥିଲା।

ଜମ୍ମୁର କଟରାସ୍ଥିତ ବୈଷ୍ଣୋଦେବୀ ଧାମ ରାସ୍ତାର ଅର୍ଦ୍ଧକୁଆଁରୀରେ ମଙ୍ଗଳବାର ହୋଇଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଥିସହିତ ବର୍ଷା ଜନିତ ଦୁର୍ଘଟଣାରେ ରାଜ୍ୟରେ ୩୬ ଜଣଙ୍କ ଜୀବନ ଗଲାଣି। ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏବେ ବି ଅଞ୍ଚଳରେ ପ୍ରବଳ ବର୍ଷା ରହିଛି। ଏହାକୁ ଦେଖି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରିଦିଆଯାଇଛି।

## ବାପାକୁ ହତ୍ୟାକରି...

ନାମରେ ସମସ୍ତ ଜମିର କାର୍ଡ ତିଆରି କରିବାକୁ କହି ଗଣ୍ଡଗୋଳ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ତେଣୁ ବିଦେଶୀ ସାନପୁଅ ସହ ସେଠାରୁ ଫେରିଆସି ପାଖରେ ଚା' ପିଉଥିବା ବେଳେ ବାବୁଲାଲ ସେଠାରେ ପହଞ୍ଚି ବାପା ବିଦେଶୀଙ୍କୁ ମାରପିଟ କରିଥିଲା। ତେଣୁ ସାନପୁଅ ତେଜରାଜ ଓ ତାଙ୍କ ଭଉଣୀ ଜ୍ୱାଇଁ ଗଣ୍ଡଗୋଳକୁ ରୋକିଥିଲେ। ଆଗରୁ ମଧ୍ୟ ବଡପୁଅ ନିଜ ପରିବାର ସହ ମିଶି ତାଙ୍କୁ ମାରିଦେବାକୁ ଚେଷ୍ଟା କରିଥିଲା। ଏନେଇ ବିଦେଶୀ ଅନେକ ଥର ଥାନାରେ ପୁଅ ବାବୁଲାଲ ନାଁରେ କେଶ ମଧ୍ୟ କରିଥିଲେ। ତେବେ ସେଦିନ ରାତିରେ ବିଦେଶୀ ଘରକୁ ଫେରିବା ବାଟରେ ବାବୁଲାଲ ଓ ନାତି ବଳରାମ ଦନ୍ତା ନଦୀ ବ୍ରିଜ ନିକଟରେ ତାଙ୍କୁ ପୁଣି ମାରପିଟ କରିଥିଲେ। ସେଠାରୁ ତାଙ୍କୁ ନେଇ ଅପାମରା ଗାଁରେ ଥିବା ନିଜ ନୂଆ ଘରକୁ ନେଇଥିଲେ। ନୂଆ ଘରେ ପୁଅ, ବୋହୂ ଓ ନାତି ମିଶି ଏକ ଲୁହାରଡରେ ତିଆରି(କଟରା)ରେ ପଟିବାରୁ ଘଟଣା ସ୍ଥଳରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ବାପାର ମୃତ୍ୟୁ ହୋଇଥିବା ଜାଣି ଅଭିଯୁକ୍ତ ମାନେ ମୃତ ଶରୀରକୁ ବାଇକ୍‌ରେ ଧରି ଗାଁରେ ଥିବା ପୁରୁଣା ଘରକୁ ନେଇଥିଲେ। ସକାଳ ହୋଇଯିବାରୁ ସେମାନେ ବାପାଙ୍କ ଦେହ ଖରାପ ଅଛି କହି ଚିକିତ୍ସା ପାଇଁ ବକଟି ଗାଁର ସୁଶାନ୍ତ ମହାପାତ୍ରଙ୍କ ବୋଲେରୋ ଗାଡିକୁ ଡାକିଥିଲେ। ସମସ୍ତେ ମିଶି ମୃତ ବିଦେଶୀଙ୍କୁ ବରଗଡ଼ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବିଦେଶୀଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀ ଡାକ୍ତରଖାନାକୁ ନେବାକୁ କହିଥିଲେ। ହେଲେ ହତ୍ୟାକାଣ୍ଡକୁ ଅନ୍ୟରୂପ ଦେବାକୁ ଯାଇ ବାପ ହତ୍ୟାକାରୀ ପୁଅ ବାବୁଲାଲ, ବୋହୂ ଯୋଶବନ୍ତି ଓ ନାତି ବଳରାମ ସେହି ଗାଡିରେ ବଲାଙ୍ଗିର ସ୍ଥିତ ହାଟପଦା ସ୍ଥିତ ଶ୍ମଶାନକୁ ଯିବାପରେ ଗାଡ଼ି ଫେରାଇ ଦେଇଥିଲେ। ଶ୍ମଶାନରେ ମୃତ ବିଦେଶୀଙ୍କ ଶରୀର ଦାହ କରି ଅନ୍ୟ ଗାଡିରେ ଗାଁକୁ ଫେରିଥିଲେ। ବାପାଙ୍କ ଦେହ ବିଷୟରେ ପଚାରିବାକୁ ସାନପୁଅ ତେଜରାଜ ବାରମ୍ବାର ଫୋନ କରିଥିଲେ ମଧ୍ୟ ବାବୁଲାଲ ଠିକ ଉତ୍ତର ଦେଇ ନଥିଲେ। ବାପା ଘରକୁ ନ ଫେରିବା ଦେଖିବା ପରେ ସନ୍ଦେହ କରି ଭେଡେନ ଥାନାରେ ସାନପୁଅ ଅଭିଯୋଗ କରିଥିଲେ। ପୁଲିସ ସାଙ୍ଗେ ସାଙ୍ଗେ ଅପାମରା ଗାଁରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ବାବୁଲାଲର ସ୍ତ୍ରୀ ଯୋଶବନ୍ତି ଓ ପୁଅ ବଳରାମକୁ ଗିରଫ କରି ଭେଡେନ ଥାନାକୁ ଆଣିଥିଲା। ତେବେ ମୁଖ୍ୟ ବାବୁଲାଲ ଫେରାର ହୋଇଯାଇଥିଲା। ପୁଲିସ ବଳରାମଠୁ ସମସ୍ତ ଘଟଣାର ସତ୍ୟାସତ୍ୟ ବାହାର କରିଥିଲା। ପରେ ମାଜିଷ୍ଟ୍ରେଟ ଆଲମ ନାୟକ, ସମ୍ବଲପୁର ସାଇଣ୍ଟିଫିକ ଟିମ୍, ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ଉପସ୍ଥିତିରେ ଘଟଣାସ୍ଥଳ ଅପାମରା ଗାଁକୁ ଯାଇ ତଦନ୍ତ କରା ହୋଇଥିଲା। ପରେ ସମସ୍ତେ ବଲାଙ୍ଗିର ଯାଇ ପୋଡିଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରେ ଅଭିଯୁକ୍ତ ମାନେ ନିଜର ସଠିକ ପରିଚୟ ଲୁଚାଇ ଭୁଲ ତଥ୍ୟ ଦେଇ ଶବଦାହ କରିଥିବାର ଜଣାପଡିଛି। ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରୁ ହାଡ଼ କଙ୍କାଳ ଓ ପାଉଁଶ ଜବତ କରିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତ ମା' ଓ ପୁଅକୁ ପୁଲିସ ଅଟକ ରଖିଛି।

## ନଦୀରେ ଭାସିଗଲା ଶିଶୁକନ୍ୟା

ବସ୍ତା ବ୍ଲକ, ୨୭।୮ (ସମିସ): ନଦୀରେ ଭାସି ଯାଇ ଦେଢବର୍ଷର ଶିଶୁ କନ୍ୟା ନିଖୋଜ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବସ୍ତା ଥାନା ଦରଡା ଗ୍ରାମର ପପୁ ସୋରେନ ଦେଢବର୍ଷର ଝିଅକୁ ନେଇ ପରିବାର ସହିତ ଦୁନ୍ଦ ଗ୍ରାମର ବନ୍ଧୁ ଘରକୁ ବୁଲିବା ପାଇଁ ଯାଇଥିଲେ। ବୁଧବାର ସକାଳ ସମୟରେ ପିଲାଟି ନିଖୋଜ ହୋଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ପାଖରେ ଡୁବଡୁବି ନଦୀ ଥିବାରୁ କୌଣସି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଇ ବସ୍ତା ଦମକଳ ଓ ପୁଲିସକୁ ଖବର ଦିଆ ଯାଇଥିଲା। ବସ୍ତା ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଝିଅଟିର କୌଣସି ସନ୍ଧାନ ମିଳି ପାରି ନ ଥିବା ବସ୍ତା ଦମକଳ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି।

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ,ବରଗଡ଼**

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା । ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦା ସର୍ବଦା ଶୁଭ ଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର କାମ୍ୟ ।

ଶ୍ରୀଯୁକ୍ତ ଉତ୍କେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି

**ନୂଆଁଖାଇ ଜୁହାର-୨୦୨୫**

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବୁକୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର୍ ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ଭାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ କର କୃପାଥି ଭଣ୍ଡାର ଘର୍ ଉଛୁଳି ପଡୁ ଆରୁ ୨୦୨୫ ବଛର୍ ସବୁକର ମଙ୍ଗଳ ହେଉ ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଞ୍ଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ ।
୫. ସି.ଏମ୍. କିଷାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିଷାନ ଓ ସି.ଏମ୍. କିଷାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ । ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରନ୍ତୁ ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ଡ. ନୃପରାଜ ସାହୁ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

**ନୂଆଖାଇ ଜୁହାର**

BALANGIR
ISO 9001 QCERT Certified quality system

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

### AFFIDAVIT



By virtue of an affidavit sworn before Executive Magistrate, Bhubaneswar, dated: 19.08.2025, I, MAMATA MANASINGH, residing at At-Barapada, PO: Kunjuri, P.S.- Khordha, Dist.- Khordha, Odisha, 752056, declare that I have changed my daughter's name from **Adyaarpita Mansingh** to **Ananya Ankita Mansingh**. Henceforth, she shall be known as **Ananya Ankita Mansingh** for all purposes.
Mamata Manasingh

### AFFIDAVIT

I, Usharani Nayak D/o Banabihari Das, Resident of Village-Alana, PO-Alanahat, Naugaon, Dist-Jagatsinghapur, Pin-754107, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Nayagarh, CF.NO-5/2, dated 30-05-2025 I, **MANORANJAN BEHERA, S/o Bijay Kumar Behera** permanent resident of Village At-Ghadual, PO/PS/Dist- Nayagarh, State-Odisha, PIN- 752069, declare that I have changed my daughter's name from **ADARSHA BEHERA** (Old name) to **ADYASHA BEHERA** (New name), Henceforth, She shall be known as **ADYASHA BEHERA** for all purposes.
Sd-( **MANORANJAN BEHERA** )

### AFFIDAVIT

I, Pedena Siba Sankar Patra S/o P Baleswar Patra, Resident of At-Bhakta Madhu Nagar, Talabania, Khandagiri, Bhubaneswar, Dist-Khorda PIN-751030, Odisha declare by this affidavit No.26190 dtd 26.08.2025 that now onwards I shall be known as **P SIBA SANKAR PATRA** for all future purposes.

### AFFIDAVIT

By virtue of an affidavit vide no 1644 dated 26.08.2025 sworn before the Notary public, Phulbani, I, Tasneen Salimkhan Pathan W/o Zafer Ismail, Residing at Govt Residential Quarter, Block II, Qr No E-01, Amalapada, PO/PS-Phulbani, Dist-Kandhamal, Odisha, do hereby change my minor Daughter's name from Asfa Mohasin Momin to Asfa Tasneem. Henceforth, she will be known as **ASFA TASNEEM** for all future purposes.

### AFFIDAVIT

I, Bipra Chanra Behera, S/o- Dandapani Behera, resident of At-Dhanija, Po-Dhanija, Dist-Ganjam, PIN-761116, Odisha declared by this affidavit No-685, dtd-26/08/2025 that now onwards I shall be known as **BIPRA CHARAN BEHERA** for all future purposes

### AFFIDAVIT

I, Surjyakanta Pani, S/o-Jagannath Pani, resident of MIG-61, Ananta Vihar, Ph-2, Pokhariput, Aerodrome Area, Bhubaneswar, Dist-Khurda, PIN- 751020, Odisha declared by this affidavit No-688, dtd-26/08/2025 that now onwards I shall be known as **SURYAKANT PANI** for all future purposes.

### AFFIDAVIT

I, Mrinal Kanta Samal, S/o- Natabar Samal, resident of Plot No. HIG-2/318, Satya Sai Enclave, Kolathia, Ps-Khandagiri, Dist-Khorda, PIN-751030, Odisha declared by this affidavit No- 15AA 353665, dtd- 23/07/2025 that now onwards I shall be known as **MRUNALA KANTA SAMAL** for all future purposes

### AFFIDAVIT

I, Amit Das S/o Asok Das, Resident of Plot No M-29/3, Panchasakha Nagar, PO-Dumuduma, PS-Khandagiri, Bhubaneswar Dist-Khordha Odisha, PIN-751019 declare by this affidavit No.683 dtd 26.08.2025 that now onwards I shall be known as **AMIT DASH** for all future purposes.

### AFFIDAVIT

I, Pragnya Parimita Khuntia, D/o- Prafulla Kumar Parida, resident of At- Gadadhar Prasad, Via- Itamati, Dist-Nayagarh, PIN-752068, Odisha declared by this affidavit No-687, dtd-26/08/2025 that now onwards I shall be known as **PRAGNYA PARIMITA PARIDA** for all future purposes.

### AFFIDAVIT

I, Kishore Chandra Jena, S/o- Kunja Jena, resident of At-Krushnaprasad, Po-Parikud, Dist- Puri, PIN-752011, Odisha declared by this affidavit No-686, dtd- 26/08/2025 that now onwards I shall be known as **KISHOR CHANDRA JENA** for all future purposes

### AFFIDAVIT

I, Susama Kumari Dei, aged about 74 years, W/o-Late Rajendranath Swain, resident of L-218, Baramunda Housing Board Colony, PO- Baramunda, PS- Bharatpur, Bhubaneswar, Dist-Khordha, Odisha declared by this affidavit No. 22004, dtd- 21/08/2025 that now onwards I shall be known as **SUSAMA RANI SWAIN** for all future purposes.

### AFFIDAVIT

By virtue of an affidavit (No. 1738, dtd-25.08.2025) before the Notary Public, Bhubaneswar. I, **Pranati Senapati,** aged about 52 years, W/o Hrusikesh Patro, resident of Plot No. 171/913/2828, Ekamra Vihar, Sundarpada, Bhubaneswar, PS-Airfield, Dist- Khurda, PIN-751002, Odisha, I have corrected / changed my father's name from **Markand Senapati** (old name) to **Markanda Senapati** (new name) in my PAN Card, vide no. BVXPS9249E. Henceforth, I shall be known as **Pranati Senapati,** D/O- Markanda Senapati for all purposes.
**Pranati Senapati**

# ସାଂସଦଙ୍କୁ ଭେଟିଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ

ଝାରବନ୍ଧ,୨୭।୮(ସମିସ): ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ବୁଧବାର ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟିଛି ଆସୋସିଏସନ। ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟତଃ ଶିଶୁ ସାମ୍ବାଦିକ ତାଲିମ ଶିବିର, କଳା, ସାହିତ୍ୟ, କୁଇଜ, ତର୍କ, ନୃତ୍ୟ, ଗୀତର ପ୍ରତିଯୋଗିତା ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେବାର ସୂଚନା ରହିଛି। ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ମୋତିଲାଲ ବାଗ, ସମ୍ପାଦକ ସୋମନାଥ ବାଗ, କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡିଆ ପ୍ରଭାରୀ ନାରାୟଣ ଶତନାମୀ ସାଂସଦକୁ ଭେଟିଥିଲେ। ସାଂସଦ ଶ୍ରୀ ପୁରୋହିତ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ତୃତୀୟ ସପ୍ତାହରେ ନୂଆଁଖାଇ ଭେଟ୍‌ଘାଟ ୨୦୨୫ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମ ହେବାର ଆସୋସିଏସନ ସଭାପତି ମୋତିଲାଲ ବାଗ ସୂଚନା ଦେଇଛନ୍ତି।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା

ପଦ୍ମପୁର,୨୭।୮(ସମିସ): ପଦ୍ମପୁର ଟାଉନହଲ ଠାରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର ଆନୁକୂଲ୍ୟରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନେକ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ନୂଆପାଲି ଯୋଗ ଶିବିରର ଯୋଗଗୁରୁ ଓ ତାଙ୍କର ସହକର୍ମଚାରୀ ଯୋଗ ଶିବିର ପରିଚାଳନା କରିଥିଲେ। ସେହିପରି ରାଜୀବ ଟାଉନ୍ ହଲ୍ ଠାରେ ଏସ୍‌ଜିଏଚ୍ ଗ୍ରୁପ୍ ମହିଳା ମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରମେଶ ଗୁଲ୍ଲା, ସୁରେନ୍ଦ୍ର ସାହୁ, ବସନ୍ତ ସାହୁ, ଏବଂ ମୀନାକ୍ଷି ଭୋଇ ବିଚାରମଣ୍ଡଳି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ୩୧ ତାରିଖରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀରାମଚନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।































































# ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶ୍ରୀଗଣେଶ ପୂଜା

ଝାରସୁଗୁଡ଼ା,୨୭।୮(ସମିସ): ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଶ୍ରୀଗଣେଶ ପୂଜା ଆନନ୍ଦମୟ ପରିବେଶରେ ଛାତ୍ରଛାତୀ ତଥା ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଫକୀର ମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ କର୍ତ୍ତା ପ୍ରଜ୍ଞାନ ପରିଡାଙ୍କ ଉପସ୍ଥିତିରେ ଯଥାବିଧିରେ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବିଦ୍ୟାଳୟରେ ସମ୍ପାଦକ ଦିଗାମ୍ବର ମାଝୀ ଓ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ମମତା ସିଂହ ପୂଜା ଅବସରରେ ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ନୂଆଁଖାଇ ପର୍ବ ପାଇଁ ଆଗୁଆ ଅଭିନନ୍ଦନ ଜଣାଇଥିଲେ। ମନ୍ଦାକିନୀ ମାକର, ପ୍ରିୟଙ୍କା ସାହୁ, ରଞ୍ଜିତା ନାଏକ, ଚନ୍ଦ୍ରିକା କିସାନ, ଝରଣା ସାହୁ, ବୀଣାପାଣି ପ୍ରଧାନ, କୁସୁମ ନଇ, ଶିବାନୀ ସାହୁ, ଅମୟ ନାଏକ ଆଦି ଗୁରୁଜୀ ଗୁରୁମା ପୂଜନ ଉତ୍ସବର ସମସ୍ତ ଦାୟିତ୍ୱ ଶୃଙ୍ଖଳାର ସହିତ କରିଥିଲେ।

# ଆରମ୍ଭ ହେଲା ଦେବଗଡ଼ର ପ୍ରସିଦ୍ଧ ଗଣେଶ ମେଳା

ଦେବଗଡ଼,୨୭।୮(ସମିସ): ଦେବଗଡ଼ ଜିଲ୍ଲାର ଧାର୍ମିକ, ସାଂସ୍କୃତିକ ଓ ମନୋରଞ୍ଜନର ମହାସଙ୍ଗମ ପ୍ରସିଦ୍ଧ ଗଣେଶ ମେଳା ବୁଧବାର ଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ମେଳା ୭୭ ବର୍ଷରେ ପହଞ୍ଚିଥିବା ବେଳେ ଏନେଇ ଆୟୋଜକ ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟ ବଜାର ସ୍ଥିତ ପୂଜା ମଣ୍ଡପରେ ଆଜି ସକାଳେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। କମିଟି ସଭାପତି ରାଜ କିଶୋର ଦାଶ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ମନୋରଞ୍ଜନ ଶତପଥୀ ପୂଜା କାର୍ଯ୍ୟ ସଂପାଦନା କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୂଜା ମଣ୍ଡପ ନିକଟରେ ଅସ୍ଥାୟୀ ଫାଣ୍ଡିକୁ ଏସପି ଅନୀଲ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଦେବଗଡ ଥାନାର ଆଇଆଇସି ସବ୍ୟସାଚୀ ଶତପଥୀ, କମିଟିର ସଭାପତି ରାଜକିଶୋର ଦାଶ, ଉପସଭାପତି ପ୍ରଦୀପ ଅମାତ, ସଂପାଦକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ସଦସ୍ୟ ଉମାଶଙ୍କର ସାହୁ, କୋଷାଧ୍ୟକ୍ଷ ଶିବ ଶଙ୍କର ସାହୁଙ୍କ ସମେତ ପୁଲିସ କର୍ମଚାରୀ ଏବଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂଜା ମଣ୍ଡପ ସମ୍ମୁଖରେ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ମେଳା ଅବସରରେ ଶିଶୁ, କିଶୋର ଓ କିଶୋରୀ ମୀନାବଜାର, ଦୋଳି ଏବଂ ଖାଦ୍ୟ ଷ୍ଟଲରେ ମଜା ଉଠାଇଥିଲେ। ଗୋପବନ୍ଧୁ ଛକ ସ୍ଥିତ ସାଂସ୍କୃତିକ ମଣ୍ଡପରେ ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ସହ ପ୍ରଧାନପାଟ ସ୍ଥିତ ବଡ ବଗିଚା ଠାରେ ଟିକେଟ ସୋ ଅପେରାର ମଜା ଉଠାଇଥିଲେ ଦର୍ଶକ। ଆଜି ପ୍ରଥମ ରାତିରେ ସମ୍ବଲପୁର ଲୋକସଭା ଆସନ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀରବି ନାଏକ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ସମେତ ବହୁ ଦଳୀୟ ନେତା ଓ କର୍ମୀ ଦେବଗଡ ଗଣେଶ ମେଳାରେ ପହଞ୍ଚି ଅଗ୍ରପୁଜ୍ୟ ଶ୍ରୀ ଗଜାନନଙ୍କ ଆଶିଷ ଭିକ୍ଷା କରିଥିଲେ। ଏହାସହ ଜିଲ୍ଲାବାସୀଙ୍କୁ ଗଣେଶ ମେଳା ଓ ନୂଆଁଖାଇ ପାଇଁ ଶୁଭକାମନା ଦେଇଥିଲେ।






























































# ଟ୍ରକ୍ ଧକ୍କାରେ ଭାଙ୍ଗିଲା ଟ୍ରାଫିକ୍ ପୋଷ୍ଟ




ନୂଆପଡ଼ା, ୨୭।୮(ସମିସ): ନୂଆପଡ଼ା ସହର ଏକତା ଛକ ନିକଟରେ ୩ ସପ୍ତାହ ତଳେ ବସିଥିବା ଟ୍ରାଫିକ ପୋଷ୍ଟ ଏକ ଟ୍ରକ୍ ଧକ୍କାରେ ଭାଙ୍ଗି ଯାଇଛି। ଏହି ଘଟଣାରେ ନୂଆପଡ଼ା ଥାନା ପୁଲିସ ଟ୍ରକ୍ (ଆରଜେ ୧୧ଜିବି ୯୭୭୭)କୁ ଥାନାରେ ଅଟକ ରଖି ଏକ ମାମଲା ରୁଜୁ କରିଛି। ବୁଧବାର ସକାଳେ ନୂଆପଡ଼ାରୁ ଖରିଆରରୋଡ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରକ୍ ହଠାତ ଭାରସାମ୍ୟ ହରାଇ ଟ୍ରାଫିକ୍ ପୋଷ୍ଟ ଉପରକୁ ମାଡିଯାଇଥିଲା। ଏହା ଫଳରେ ଟ୍ରାଫିକ୍ ପୋଷ୍ଟଟି ରାସ୍ତା ମଝିରେ ଓଲଟି କଡିଥିଲା। ପୁଲିସ ଟ୍ରକ୍‌କୁ ପୁଲିସ ପିଛା କରି ଖରିଆରରୋଡଠାରେ ଧରିଥିଲା। ତେବେ ବହୁ ଦିନର ଦାବିପରେ ଜିଲ୍ଲା ସଡକ ସୁରକ୍ଷା କମିଟିର ସୁପାରିଶ ପରେ ନୂଆପଡ଼ା ଏନଏସି ତରଫରୁ ୧୫ଲକ୍ଷ ଟଙ୍କାରେ ଛକରେ ଟ୍ରାଫିକ ପୋଷ୍ଟ ସହ ଉଚ୍ଚମାନର କ୍ୟାମେରା ଖଞ୍ଜାଯାଇଥିଲା। ଗତ ୫ତାରିଖ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ତତ୍କାଳୀନ ଏସପି ଜି.ଆର.ରାଘବେନ୍ଦ୍ର ଏହାକୁ ଉଦ୍‌ଘାଟନ କରିଥିଲେ।

# ନୂଆଁଖାଇ ପାଇଁ ବଜାର ଭିଡ଼

ବୀରମହାରାଜପୁର, ୨୭।୮(ସମିସ): ଆଉ ଦିନକ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁ ଖାଇ ଥିବା ବେଳେ ଏଥିପାଇଁ ଆଜି ବୀରମହାରାଜପୁରର ଦୋକାନ ବଜାର ଓ ଦୈନିକ ବଜାରରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ପଶ୍ଚିମ ଓଡ଼ିଶାର ଏହି ଗଣପର୍ବ ନୂଆଖାଇ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ। ନବାନ୍ନ ଗାଁର ଇଷ୍ଟ ଦେବଦେବୀଙ୍କ ଠାରେ ଲାଗିଲା ପରେ ନିଜ ଘରର ଦେବଦେବୀଙ୍କ ଠାରେ ନବାନ୍ନ ଅର୍ପଣ ପରେ ଘରର ମୁଖିଆ ସମସ୍ତଙ୍କୁ ନୂଆଁ ଧାନରେ ତିଆରି ମହାପ୍ରସାଦ ଅନ୍ନ ଦିଅନ୍ତି। ତାପରେ ସମସ୍ତେ ଏକାଠି ନବାନ୍ନ ଭୋଜନ କରିଥାନ୍ତି। ପରେ ସାନମାନେ ଘରର ବଡମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥାନ୍ତି। ସର୍ବୋପରି ଏହି ପର୍ବ ଏକ ଭାଇଚାରାର ପର୍ବ। ଏଥିପାଇଁ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ପରିବାରର ଲୋକେ ନୂଆଁବସ୍ତ୍ର କିଣିଥାନ୍ତି। ନୂଆଁଖାଇ ପାଇଁ ନୂଆଁ ବସ୍ତ୍ର, ନୁଆ ଧାନ ସହ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କିଣିବାକୁ ଆଜି ବୀରମହାରାଜପୁରର ଦୋକାନ ବଜାରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି।



# ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

ସୁବଳୟା, ୨୭।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବ କ୍ରମେ ଆସନ୍ତା ସେପ୍ଟେମ୍ବର ୩ ତାରିଖ ବୁଧବାର ଦିନ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ପାତାଳୀ ଶ୍ରୀକ୍ଷେତ୍ର ଠାରେ ଏହି ଭେଟ୍‌ଘାଟ୍ ପର୍ବ ଆୟୋଜନ କରାଯିବାକୁ ସ୍ଥିରୀକୃତ ହୋଇଛି। ସେଠାରେ ଶ୍ରୀଜୀଉମାନଙ୍କର ଦର୍ଶନ ସହିତ ଆଧ୍ୟାମିକ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି। ଏହି ବୈଠକରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ସହସମ୍ପାଦକ ବଳରାମ କାଣ୍ଡ, ସଦସ୍ୟ ନାରାୟଣ ପ୍ରସାଦ ନାୟକ, ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, ଚମରା ମହାକୁର, ସତ୍ୟ ନାରାୟଣ ନାୟକ, ଅକ୍ରୂର କୁମାର ଦନ୍ତା, ଗୋପୀନାଥ ମହାକୁର, କୃଷ୍ଣଚନ୍ଦ୍ର ପାଢ଼ୀ, ଦୟାନିଧି ହୋତା, ଜୀତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




























ଆଏଜ ନୂଆଖାଇ

# ମା ମାଏଟର ପରବ କେ ନେଇ କରି ଗହକି



**ଗାଁ ଖୁଲି ଡିଙ୍ଗରା ବଜଲା ନା। ଘର ଦ୍ୱାର ସଫା ସୁତର ବି ହେଲାନ। ଆସୁଛେ ନୂଆଖାଇ। ମିଳ। ଭାଇଚାରାର ପରବ ଇ ନୂଆଖାଇ କେ ନେଇକି ସାରା ପଶ୍ଚିମଓଡିଶା ନେ ଗହଗହ ମହମହ ଆରମ ହେଲାନ। ଘର କେ ଫିରୁଛନ ବାହାର ରାଏଜେ କାମ କରୁଥିବାର ପିଲା, ଟୁକେଲ, ବୁଢାବୁଢି। ପଶ୍ଚିମଓଡିଶାର ଲୋକସଂସ୍କୃତି, ପରମ୍ପରାର ବାର୍ତ୍ତା ଦେଉଥିବାର ଇ ପରବ କେ ନେଇକରି ବିଶେଷ ଉପସ୍ଥାପନା ଆଏଜ ନୂଆଖାଇ...**



## ● ନୂଆଖାଇ ଲଗ୍ନ

ବିଧି ଅନୁସାରେ ପ୍ରତିବର୍ଷ ନୂଆଖାଇ ଲାଗି କରିବା ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଥାଏ। ଚଳିତ ବର୍ଷ ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭାର ନବାନ୍ନ ଲଗ୍ନ କମିଟିର ନିଷ୍ପତ୍ତି ଅନୁସାରେ ପାଟଣା ରାଜ୍ୟର ଇଷ୍ଟଦେବୀ ମା ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ରାଶି, ନକ୍ଷତ୍ର ଓ ପୂର୍ବ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି (ଇଂରାଜୀ ତା. ୨୮.୮.୨୦୨୫, ଗୁରୁବାର) ବିଶୁଦ୍ଧ ତୁଳା ଲଗ୍ନେ ବୃଷ/ମିଥୁନ ନବାଂଶେ ମାହେନ୍ଦ୍ର ବେଳା ଦିବା ଘ.୯.୪୭ ମି.ରୁ ଘ. ୧୧.୧୧ ମି. ମଧ୍ୟରେ ନବାନ୍ନ ଲାଗି ବିଧି ଅନୁଷ୍ଠିତ କରିବାକୁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏହିକ୍ରମରେ ଜିଲ୍ଲାବାସୀ ନିଜ ନିଜ ଇଷ୍ଟଦେବୀଙ୍କଠାରେ ନୂଆ ଲଗାଇ ଖାଇଥାନ୍ତି।

## ● ପ୍ରକୃତି ପର୍ବ ନୂଆଖାଇ

ବଲାଙ୍ଗିର ଜିଲ୍ଲା କୁ ଚାରିପଟେ ଘେରି ରହିଛି ବଣ ଓ ପାହାଡ। ଏହାରି ଭିତରେ ରହିଛନ୍ତି ଅନେକ ଆଦିବାସୀ। ଆଦିବାସୀ ପରମ୍ପରା ମୁତାବକ ଅକ୍ଷୟତୃତୀୟାଠାରୁ ଚାଷ କାମ ଆରମ୍ଭ ହେବା ପରେ ଆଁଟ ଜମିରେ ଏକ ଧାନ ଅନ୍ୟ ଧାନ ଅପେକ୍ଷା ପ୍ରଥମେ ଅମଳ ହୋଇଥାଏ। ଏହାକୁ ସରିଁଆ ଧାନ ବୋଲି କୁହାଯାଇଥାଏ। ଏହି ଧାନକୁ ଚାଷୀ ପ୍ରଥମେ ନିଜର ଇଷ୍ଟଦେବୀଙ୍କଠାରେ ଅର୍ପଣ କରିସାରିଲା ପରେ ତାକୁ ଭକ୍ଷଣ କରିଥାଏ। ଗବେଷକଙ୍କ ମତରେ ସରିଁଆ ଧାନ ପ୍ରଥମେ ହେଉଥିବାରୁ ତାକୁ ଇଷ୍ଟଦେବୀଙ୍କଠାରେ ଚାଷୀ ଅର୍ପଣ କରିବା ସହିତ ନିଜକୁ ଏବଂ ନିଜ ପରିବାରକୁ ତାଙ୍କ ପାଖରେ ସମର୍ପଣ କରିଦେଇଥାଏ। ଏହା ସହିତ ଇଷ୍ଟଦେବୀଙ୍କଠାରେ ଭୋଗ କୌଣସି ଥାଳିରେ ନ ଲଗାଇ ପଳାସ, କେନ୍ଦୁ ଭଳି ବଣରେ ମିଳୁଥିବା ପତ୍ରରେ ହିଁ ଲାଗି କରାଯାଇଥାଏ। ତେବେ ନୂଆଖାଇ ପାଇଁ ରହିଥିବା ପରମ୍ପରାକୁ ନଜର ପକାଇଲେ ଏହି ପର୍ବ ପ୍ରକୃତିର ପର୍ବ ତାହା ସ୍ପଷ୍ଟ ଜଣାପଡିଥାଏ। ଏହା ସହିତ ପ୍ରକୃତିର ଉପାସକ ସଦୃଶ ବଲାଙ୍ଗିର ତଥା ପଶ୍ଚିମଓଡିଶାବାସୀ ଏହାକୁ ବେଶ ଆନନ୍ଦର ସହ ପାଳନ କରିଥାନ୍ତି।

## ● ଭାଇଚାରାର ପର୍ବ ନୂଆଖାଇ

ବର୍ତ୍ତମାନର ସମାଜ ସ୍ୱାର୍ଥପରେ ହେବାରେ ଲାଗିଛି। ବନ୍ଧୁ ପରିଜନ ତ ଦୂରର କଥା ନିଜ ପରିବାରଙ୍କ ପାଇଁ ମଧ୍ୟ ମଣିଷ ପାଖରେ ସମୟ ନାହିଁ। ଏହିଭଳି ଏକ ପରିସ୍ଥିତିରେ ପଶ୍ଚିମଓଡିଶାରେ ପାଳିତ ହେଉଥିବା ଏହି ପର୍ବ ଭାଇଚାରାର ଏକ ଅନନ୍ୟ ବାର୍ତ୍ତା ଦେଇଥାଏ। ପରମ୍ପରା ମୁତାବକ ପରିବାରର ସମସ୍ତ ସଦସ୍ୟ ଏକାଠି ନବାନ୍ନ ଭକ୍ଷଣ କରିଥାନ୍ତି। ସମସ୍ତ ରାଗ, ରୋଷକୁ ପଛରେ ପକାଇ ପୁରା ପରିବାର ଏକାକର ହୋଇଯାଇଥାଏ। ଏହା ସହିତ ନବାନ୍ନ ଭକ୍ଷଣ କରିସାରିବା ପରେ ଗାଁ, ସହରର ସମସ୍ତେ ଜୁହାର, ଭେଟଘାଟ ହୋଇଥାନ୍ତି। ଛୋଟମାନେ ବଡମାନଙ୍କ ସହିତ ଜୁହାର ଭେଟ ହୋଇ ଆଶିଷ କାମନା କରିଥାନ୍ତି। ଯାହାକି ସମାଜକୁ ଏକ ସୂତ୍ରରେ ବାନ୍ଧିହୋଇ ରହିବା ପାଇଁ ବାର୍ତ୍ତା ଦେଇଥାଏ।

## ● ତନ୍ତ୍ରମନ୍ତ୍ର ସାଧନାର ଝଲକ

ନୂଆଖାଇ ପର୍ବରେ ଲୋକେ ନିଜ ନିଜ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି କରିଥାନ୍ତି। ତେବେ କୁହାଯାଏ ଏହି ପର୍ବରେ ନିଜର ଇଷ୍ଟଦେବୀଙ୍କୁ ତନ୍ତ୍ରମନ୍ତ୍ର ଦ୍ୱାରା ହିଁ ଆବାହନ କରାଯାଇଥାଏ। ନୂଆଖାଇ ପୂଜା କରିବା ପାଇଁ ସ୍ୱତନ୍ତ୍ର ପୂଜାବିଧି ରହିଛ। ଘରର ମୁରବୀ ହିଁ ଦେବୀଙ୍କଠାରେ ପୂଜା କରିପାରିବେ। ଯେହେତୁ ଏହା ଦେବୀଙ୍କଠାରେ ପ୍ରଥମେ ପୂଜା କରାଯାଇଥାଏ। ଦେବୀଙ୍କ ପସନ୍ଦ ମୁତାବକ ସଫା ପତ୍ରରେ ଭୋଗ ଲାଗି କରାଯାଏ। ଏହିପରି ଅନେକ ପରମ୍ପରା ରହିଛି ଯାହାଦ୍ୱାରା ପଶ୍ଚିମଓଡିଶାବାସୀ ଯେ ତନ୍ତ୍ରମନ୍ତ୍ର ଉପରେ ତାଙ୍କ ଅଗାଢ ବିଶ୍ୱାସ ଅଛି ତାହା ନୂଆଖାଇରୁ ହିଁ ସ୍ପଷ୍ଟ ହୋଇଥାଏ।



## ● ନୂଆଖାଇ ପାଇଁ ପତ୍ରର ସ୍ୱତନ୍ତ୍ରତା

ନୂଆଖାଇ ପାଇଁ ରହିଥିବା ପୂଜାବିଧି ବିଭିନ୍ନ ସଂପ୍ରଦାୟର ଭିନ୍ନ ଭିନ୍ନ ପରମ୍ପରା ରହିଛି। କିଏ କୁରେଇ ତ କିଏ ମହୁଲ ଏହିଭଳି ବିଭିନ୍ନ ପତ୍ରରେ ସଂପ୍ରଦାୟ ଅନୁଯାୟୀ ଲୋକେ ନୂଆ ଲାଗି କରିବା ପାଇଁ ବ୍ୟବହାର କରିଥାନ୍ତି। ବିଶେଷ କରି କୁରେଇ, ରେଙ୍ଗାଲ, ମହୁଲ, କେନ୍ଦୁ, ପଳାସ ପତ୍ରକୁ ନୂଆଭୋଗ ଲାଗି କରିବା ପାଇଁ ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମଓଡିଶାରେ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ, ଷ୍ଟିଲ, ପିତ୍ତଳ, କଂସାର ପାତ୍ର ବିଭିନ୍ନ ପୂଜାରେ ବ୍ୟବହାର କରାଯାଏ କିନ୍ତୁ ନୂଆଖାଇରେ ପତ୍ର ବ୍ୟବହାର କରିବା ପଛରେ ମଧ୍ୟ ସ୍ଥାନୀୟ ଅଧିବାସୀଙ୍କ ସ୍ୱତନ୍ତ୍ର ଧାର୍ମିକ ବାର୍ତ୍ତା ରହିଛି। କିଛି ବରିଷ୍ଠ ବ୍ୟକ୍ତିଙ୍କ କହିବା ଅନୁସାରେ ଏହି ପର୍ବରେ ସମସ୍ତେ ନିଜ ନିଜ ଇଷ୍ଟଦେବୀଙ୍କୁ ଭୋଗ ଲଗାଇଥାନ୍ତି। ଚାଷୀ ମାନେ ନୂଆଧାନ ନିଜ ଜମିରୁ ଆଣି ସେଥିରେ ଭୋଗ ତିଆରି କରିଥାନ୍ତି। ନିଜ ଇଷ୍ଟଦେବୀଙ୍କ କରୁଣା ଲାଭ କରିବା ପାଇଁ ପାତ୍ର ବଦଳରେ ପତ୍ର ବ୍ୟବହାର କରିଥାନ୍ତି। କୁହାଯାଏ ଭାଦ୍ରବ, ଆଶ୍ୱିନ ମାସରେ କୁରେଇ, ରେଙ୍ଗାଲ, ମହୁଲ, କେନ୍ଦୁ, ପଳାସ ଗଛରେ ନୂଆପତ୍ର ଆସିଥାଏ। ଏହି ମାସରେ ଦେବୀଙ୍କ ଆଗମନ ହୋଇଥାଏ ଓ ଏହି ପତ୍ରକୁ ଦେବୀମାନେ ପସନ୍ଦ କରିଥାନ୍ତି। ଏହି ପତ୍ର ସଫା ଥିବା ବେଳେ କୌଣସି କୀଟ, ପୋକ ମଧ୍ୟ ଲାଗି ନ ଥାନ୍ତି। ଏହାଫଳରେ ଏହି ପତ୍ରକୁ ଇଷ୍ଟଦେବତାଙ୍କ ଭୋଗ ଲାଗି କରିବା ପାଇଁ ବ୍ୟବହାର କରାଯାଇଥାଏ। ପୂର୍ବରୁ ରହିଆସିଥିବା ପରମ୍ପରା ଅନୁସାରେ ବିଭିନ୍ନ ସଂପ୍ରଦାୟର ଲୋକେ ଭିନ୍ନ ଭିନ୍ନ ପତ୍ର ବ୍ୟବହାର କରିଥାନ୍ତି। ସେହିପରି ନୂଆ ଭୋଗ ପାଇଁ ନୂଆ ମାଟିପାତ୍ର ବ୍ୟବହାର ହେଉଥିବା ବେଳେ ପତ୍ର ଅନୁସାରେ ସେହି ଗଛର ଡାଳ ଭୋଗ ତିଆରି କରିବା ପାଇଁ ବ୍ୟବହାର କରାଯାଇଥାଏ।



## ● ନୂଆଖାଇରେ ପାହୁର ଯାତ୍ରା

ନୂଆଖାଇ ପୂର୍ବରୁ ପାହୁର ଯାତ୍ରା ସ୍ୱତନ୍ତ୍ରତା ରହିଛି। ପରମ୍ପରା ଅନୁସାରେ ପାଟଣା ରାଜ୍ୟ ସମୟରେ ପୂର୍ବରୁ ବଲାଙ୍ଗିରରେ ନୂଆ ଲାଗି କରିବା ପାଇଁ ପାହୁର ବା ଭୋଗସାମଗ୍ରୀ ରାଜା ଘରୁ ଆସୁଥିଲା। କାଳକ୍ରମେ ତାହା ବର୍ତ୍ତମାନ ସହରର କୋଶଳୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନବେ ଦଶକରୁ ସଂଗଠନର ମହାମନ୍ତ୍ରୀ ହିମାଂଶୁ ପାଢୀଙ୍କ ଘରୁ ପାହୁର ଯାତ୍ରା ବାହାରିଥାଏ। ପରମ୍ପରିକ ବାଦ୍ୟ ସହିତ ନୂଆଖାଇ ପାଇଁ ଭୋଗ ସାମଗ୍ରୀ, ନୂଆ କପଡା ଓ ଅନ୍ୟ ସବୁ ଆବଶ୍ୟକ ସାମଗ୍ରୀ ସମଲେଶ୍ୱରୀ ମନ୍ଦିର, ପାଟନେଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ଦୁର୍ଗାମନ୍ଦିର ଓ ଅନ୍ୟ ମନ୍ଦିରମାନଙ୍କଠାରେ ଦିଅଯାଇଥାଏ। ଏହା ଏକ ଶୋଭାଯାତ୍ରାରେ ଆସିଥାଏ। ଏହି ସହିତ ଆଉ ଏକ ପରମ୍ପରା ଅନୁସାରେ ନୂଆଖାଇର ଦୁଇ ଦିନ ପୂର୍ବରୁ ଶକ୍ତି ପୀଠ ଗୁଡିକରୁ ଉଭୟ ପାଟନେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରକୁ ଗୋପନୀୟ ଭାବେ ମଧ୍ୟ ପାହୁର ଆସିଥାଏ। ଯାହାକି ଭୋଗ ଲାଗି ହୋଇଥାଏ।

## ● ଶୈଳେଶ୍ରୀ ପ୍ୟାଲେସରେ ନୂଆଖାଇ

ପାଟଣା ରାଜ୍ୟ ବା ବର୍ତ୍ତମାନର ବଲାଙ୍ଗିରରେ ରାଜ ପରିବାରଙ୍କ ନବାନ୍ନ ଭକ୍ଷଣ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥାଏ। ଓଡିଶା ରାଜନୀତିର ରଣାଙ୍ଗନରେ ବାରମ୍ବାର ମୁହାଁମୁହିଁ ହେଉଥିବା ରାଜପରିବାର ସଦସ୍ୟ ଗୋଟିଏ ଛାତ ତଳେ ମିଳିମିଶି ନବାନ୍ନ ଭକ୍ଷଣ କରୁଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ। ଯାହାକି ସାଧାରଣରେ ଦେଖିବା ମୁସ୍କିଲ। ତଥାପି ଏହି ପବିତ୍ର ଉତ୍ସବରେ ସମସ୍ତେ ମିଳିମିଶି ଖାଇଥାନ୍ତି। ଯଦିଓ ତାଙ୍କ ଏହି ନବାନ୍ନ ଭକ୍ଷଣକୁ କିଛି ରାଜନୈତିକ ଫାଇଦା ତ କିଛି ପରମ୍ପରାର ଦ୍ୱାହି ଦେଇ ଆଲୋଚନା କରିଥାନ୍ତି। ତଥାପି ଏହି ଦୃଶ୍ୟ ବଲାଙ୍ଗିର ଜିଲାର ଭାଇଚାରାର ପରମ୍ପରାକୁ ଉଜ୍ଜିବୀତ କରିଥାଏ।

ପାଟଣା ରାଜ୍ୟର ରାଜପ୍ରାସାଦ ବା ଶୈଳେଶ୍ରୀ ପ୍ୟାଲେସ। ଗୋଟିଏ ପ୍ୟାଲେସର ରହିଛି ଦୁଇଟି ପ୍ରବେଶ ପଥ। ଗୋଟିଏ ପଥରେ ବିଜେଡିର ଟାଣୁଆ ନେତା ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂହଦେଓ, ପୂର୍ବତନ ଲୋକସଭା ସାଂସଦ କଳିକେଶ ନାରାୟଣ ସିଂହଦେଓ, ଯୁବନେତା ଅର୍କେଶ ନାରାୟଣ ସିଂହଦେଓଙ୍କ ପରିବାର ପାଇଁ ପ୍ରବେଶ ପଥ। ଅନ୍ୟ ଏକ ପ୍ରବେଶ ପଥରେ ବିଜେପି ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ପରିବାରଙ୍କ ପ୍ରବେଶ ପଥ। ମୋଟାମୋଟି ଭାବେ କହିବାକୁ ଗଲେ ଗୋଟିଏ ପ୍ରାସାଦରୁ ଦୁଇଟି ପାରମ୍ପରିକ ରାଜନୈତିକ ଦଳର ଗୋଟି ଚାଳନା ହୋଇଥାଏ। ଅତଏବ କାକା ପତୁରା ଅନଙ୍ଗ ଓ କନକଙ୍କ ସଂପର୍କ କେତେ ମଧୁର ତାହା ରାଜ୍ୟ ରାଜନୀତିକୁ ଜଣା; କିନ୍ତୁ ଭାଇଚାରାର ବାର୍ତ୍ତା ଦେଉଥିବା ପଶ୍ଚିମଓଡିଶାର ଏହି ମହାନ ପର୍ବ ନୂଆଖାଇରେ ଦେଖିବାକୁ ମିଳିଥାଏ ଭିନ୍ନ ଦୃଶ୍ୟ। ନିଜର ରାଜନୈତିକ ଶତ୍ରୁତା, ସମସ୍ତ ରାଗ ବିଦ୍ୱେଷକୁ ଭୁଲି ଉଭୟ ପରିବାର ଏକ ଛାତ ତଳେ ବସି ନବାନ୍ନ ଭକ୍ଷଣ କରୁଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳେ। ଅଧିଷ୍ଠାତ୍ରୀ ଦେବୀ ମା ପାଟଣେଶ୍ୱରୀ, ମା ଦଶମତିଙ୍କ ପାଖରେ ନବାନ୍ନ ଲାଗି ହେବା ପରେ ରାଜପୁରୋହିତ ପରିବାର ସଦସ୍ୟଙ୍କୁ ତିଳକ ଲଗାଇବା ସହିତ ନବାନ୍ନ ଅର୍ପଣ କରିଥାନ୍ତି। ନବାନ୍ନ ଭକ୍ଷଣ କରିସାରିବା ପରେ ନୂଆଖାଇ ଜୁହାର ଭେଟଘାଟ ପରମ୍ପରାକୁ ମଧ୍ୟ ଏହି ରାଜପରିବାରବର୍ଗ ପାଳନ କରିଥାନ୍ତି। କିଛି ବର୍ଷ ପରିବାରର କେହି କେହି ଏହି ପର୍ବରେ ଅନୁପସ୍ଥିତ ରହୁଥିବା ମଧ୍ୟ ଦେଖିବାକୁ ମିଳିଥାଏ। ନୂଆଖାଇ ଯେତିକି ପାଖେଇ ଆସୁଛି ତାକୁ ନେଇ ଜିଲାରେ ସଜବାଜ ଲାଗିରହିଥିବା ବେଳେ ଶୈଳେଶ୍ରୀ ପ୍ୟାଲେସରେ ନୂଆଖାଇ ଚିତ୍ର ଦେଖିବା ପାଇଁ ସମସ୍ତଙ୍କ ମନରେ ଉତ୍କଣ୍ଠା ବଢିବାରେ ଲାଗିଛି।

## ● ନୂଆଖାଇରେ ଅନନ୍ୟ ଦୃଶ୍ୟ

ନୂଆଖାଇରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ନବାନ୍ନ ଭକ୍ଷଣ କରିବାର ଦୃଶ୍ୟ ସବୁଆଡେ ଦେଖିବାକୁ ମିଳିଥାଏ; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହିଭଳି କିଛି ଗାଁ ରହିଛି ଯେଉଁଠି ଗାଁର ସମସ୍ତ ସଦସ୍ୟ ରାସ୍ତାରେ ମିଳିମିଶି ନୂଆ ଖାଇଥାନ୍ତି। ଏଭଳି ଏକ ଗାଁ ହେଉଛି ବେଲପଡା ବ୍ଲକ ଜଲିଆ ଗାଁ। ପୂର୍ବରୁ ଦୀର୍ଘ ବର୍ଷ ଧରି ଗାଁର ସମସ୍ତେ ଗୌନ୍ତିଆଙ୍କ ହାତରୁ ନୂଆ ଖାଉଥିଲେ। କିଛି ବର୍ଷ ଏହି ପରମ୍ପରା ବନ୍ଦ ହୋଇଯାଇଥିଲା। କିନ୍ତୁ ଗତ କିଛି ବର୍ଷ ହେଲା ସ୍ଥାନୀୟ ଯୁବକଙ୍କ ଉଦ୍ୟମକ୍ରମେ ପୁଣି ଏହି ପରମ୍ପରା ଆରମ୍ଭ ହୋଇଛି। ଗାଁର ଗୌନ୍ତିଆ ପରିବାର ମୁଖ୍ୟ ସମସ୍ତଙ୍କୁ ନୂଆ ଦେଇଥାନ୍ତି। ଯାହାକୁ ଖାଇବା ପରେ ନିଜ ନିଜ ଭିତରେ ଭେଟଘାଟ ହୋଇଥାନ୍ତି। ପରେ ଗାଁରେ ଭୋଜିର ଆସର ଜମିଥାଏ। ସଂଧ୍ୟାରେ ଭୋଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।ଏଥିପାଇଁ ପୂର୍ବରୁ ବୈଠକ ବସିଥାଏ। ଏଥିରେ ପ୍ରତି ପରିବାର ନିଜର ଯୋଗଦାନ ଦେଇଥାନ୍ତ ଓ ଯଥାସମ୍ଭବ ସହଯୋଗ ମଧ୍ୟ କରିଥାନ୍ତି। ସେହିଭଳି ପୁଇଁନ୍ତଲା ବ୍ଲକ ସାନବୁର୍ଖାବାହାଲରେ ମଧ୍ୟ ଗାଁର ସମସ୍ତେ ମିଶି ନୂଆଖାଇ ଥାନ୍ତି। ଆଜିର ଦିନରେ ଏହି ଦୁଇ ଗାଁର ନୂଆଖାଇ ପାଳନର ନିଆରା ପରମ୍ପରା ନିହାତି ଭାବେ ପ୍ରଶଂସନୀୟ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।






**ୟୁଏସ୍ ଓପନ ଟେନିସ**

# ସିନ୍ନର, ଜ୍ୱେରେଭଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୭।୮ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଏବଂ ନଂ-୩ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ ୟୁଏସ୍ ଓପନ ପୁରୁଷ ଏକକ ବିଭାଗରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ସହ ଯୋଗଦେଇଛନ୍ତି ୮ମ ସିଡ୍ ଆଲେକ୍ସ ଡି ମିନାଉର, ନଂ-୧୪ ସିଡ୍ ଟମି ପଲ୍, ନଂ-୨୬ ସିଡ ଷ୍ଟିଫାନସ ସିତସିପାସ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ମଧ୍ୟ ସେମାନଙ୍କ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ପୂର୍ବରୁ କାର୍ଲୋସ ଅଲକାରାଜ ମଧ୍ୟ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଫଳରେ ପ୍ରଥମ ରାଉଣ୍ଡରେ ଡାନିଏଲ ମେଦଭେଦେଭଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବଡ଼ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦା ହୋଇ ନାହାନ୍ତି।


ଜାନିକ ସିନ୍ନର

ମଙ୍ଗଳବାର ରାତିରେ ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଜର୍ମାନୀର ଜ୍ୱେରେଭ୍ ପ୍ରଥମ ରାଉଣ୍ଡରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସିନ୍ନର ୬-୨, ୭-୬, ୬-୪ ସିଧାସଳଖ ସେଟ୍‌ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର ଜ୍ୟାକବ୍ ଫିଅର୍ଣ୍ଣଲୀଙ୍କୁ ଭେଟିବେ। ଟପ୍ ସିଡ ସିନ୍ନର ମଧ୍ୟ ୩-୦ରେ ଚେକ୍ ରିପବ୍ଲିକ୍‌ର ଭିଟ୍ କୋପ୍ରିଭାଙ୍କୁ ହରାଇଥିଲେ। ସିନ୍ନର ଅତି ସହଜରେ ଏହି ମୁକାବିଲାକୁ ୬-୧, ୬-୧, ୬-୨ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ୮ମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓ'କନ୍ନେଲଙ୍କୁ ହରାଇଥିଲେ। ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ରେ ଏଲମେର ମୋଲରଙ୍କୁ ଓ ୨୬ତମ ସିଡ୍ ୪-୬, ୬-୦, ୬-୧, ୭-୬ରେ ଆଲେକଜାଣ୍ଡ୍ରେ ମୁଏଲରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ତୃତୀୟ ରାଉଣ୍ଡରେ ନାଭାରୋ, ଆଜରେଙ୍କା ଓ ରାଡୁକାନୁ



୧୦ମ ସିଡ୍ ଆମେରିକାର ଏମ୍ମା ନାଭାରୋ, ବେଲାରୁଷର ୩୬ ବର୍ଷିୟା ଭିକ୍ଟୋରିଆ ଆଜରେଙ୍କା ଓ ଯୁକ୍ତରାଜ୍ୟର ଏମ୍ମା ରାଡୁକାନୁ ୟୁଏସ୍ ଓପନ ମହିଳା ଏକକ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଡୁକାନୁ ୬-୨, ୬-୧ରେ ଜେନିସ ଜେନ୍‌ଙ୍କୁ, ଆଜରେଙ୍କା ୬-୩, ୬-୩ରେ ରୁଷର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ଓ ନାଭାରୋ ନିଜ ଦେଶର କ୍ୟାଟି ମ୍ୟାକ୍‌ନାଲୀଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପାଇଛନ୍ତି। ପୂର୍ବରୁ ମହିଳା ବିଭାଗରେ ଦୁଇ ଚର୍ଚ୍ଚିତ ଖେଳାଳି ନଂ-୩ ସିଡ୍ ଆମେରିକାର କୋକୋ ଗଫ୍ ଓ ୨୩ତମ ସିଡ୍ ଜାପାନର ନାଓମି ଓସାକା ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପୁରୁଷ ଦ୍ୱିତୀୟ ରାଉଣ୍ଡରେ ରେକର୍ଡଧାରୀ ନୋଭାକ ଜୋକୋଭିଚ୍‌ଙ୍କ ବିପକ୍ଷରେ ଆମେରିକାର ୨୨ ବର୍ଷୀୟ ଜ୍ୟାକରୀ ସାଇଦା ପ୍ରଥମ ସେଟ୍‌କୁ ୭-୬ରେ ଜିତିନେଇଛନ୍ତି।

## ଆଇପିଏଲ୍ ଛାଡ଼ିଲେ ଅଶ୍ୱିନ



ଚେନ୍ନଈ,୨୭।୮ (ଏଜେନ୍ସି): ନିଜ ମତ ଓ ମନ୍ତବ୍ୟ ଦ୍ୱାରା ବିବାଦୀୟ ହେବା ପରେ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ୍ ଆଇପିଏଲ୍‌କୁ ଅଲବିଦା କହିଛନ୍ତି। ଦୀର୍ଘ ବର୍ଷ ଧରି ସେ ୫ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ୨୨୧ଟି ମ୍ୟାଚ ଖେଳି ୧୮୭ଟି ୱିକେଟ ଓ ୮୩୩ ରନ୍ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଆଇପିଏଲ୍‌କୁ ଅଲବିଦା କହିବା ପରେ ଏବେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି-୨୦ ଲିଗ୍‌ରେ ଖେଳିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଅଶ୍ୱିନ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ବେଳେ ଦଳ ୨୦୧୦ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହୋଇଥିଲା। ଟେଷ୍ଟ କ୍ରିକେଟରେ ଅନୀଲ କୁମ୍ବଲେ ୬୨୧ଟି ୱିକେଟ ନେଇ ପ୍ରଥମ ଓ ଅଶ୍ୱିନ ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ବାସନ୍ଦ ହୋଇପାରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଫିଫା ଓ ଏଏଫ୍‌ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ବିଧାନ ପରିବର୍ତ୍ତନ ନ କଲେ ଏହାକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରିବର୍ତ୍ତିତ ସମ୍ବିଧାନ ଭାରତର ସୁପ୍ରିମକୋର୍ଟ ଏବଂ ଏଆଇଏଫଏଫ୍ ଜେନରୋଲ ବଡ଼ି ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ଏହା ନ ହେଲେ ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଇପାରେ ବୋଲି ଫିଫା ଓ ଏଏଫ୍‌ସି ପକ୍ଷରୁ ମିଳିତ ଭାବେ ଧମକ ଦିଆଯାଇଛି।

## ଭାରତର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଜବରଦସ୍ତ ଟେଷ୍ଟ ସିରିଜ୍ ଖେଳିବା ପରେ ଭାରତୀୟ କ୍ରୀଡ଼ା ଜଗତରେ କିଛିଦିନ ବିଶେଷ କାର୍ଯ୍ୟକ୍ରମ ନ ଥିଲା। ଏବେ ଚଳିତମାସ ଶେଷରୁ ପୁଣିଥରେ ଭାରତର କ୍ରୀଡ଼ା କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ହୋଇଯିବ। ଅଗଷ୍ଟ ୨୮ ବା ଆସନ୍ତାକାଲିଠାରୁ ବେଙ୍ଗାଲୁରୁରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହା ପରଦିନ ଅର୍ଥାତ୍ ଅଗଷ୍ଟ ୨୯ରୁ ବିହାରର ରାଜଗିର୍‌ରେ ପୁରୁଷ ଏସିଆ କପ୍ ହକି ଖେଳାଯିବ। ମହିଳା ଏସିଆ କପ୍ ହକି ସେପ୍ଟେମ୍ବର ୫ରୁ ଚୀନ୍‌ର ହାଙ୍ଗଝୋଉଠାରେ ଖେଳାଯିବ। ସେହିପରି କ୍ରିକେଟରେ ମଧ୍ୟ ଏସିଆ କପ୍‌ରୁ ଭାରତୀୟ ପୁରୁଷ ଦଳର କାର୍ଯ୍ୟକ୍ରମ ଆରମ୍ଭ ହେବ। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍ କ୍ରିକେଟ ଖେଳାଯିବ। ମହିଳା କ୍ରିକେଟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହା ପରେ ସେପ୍ଟେମ୍ବର ୩୦ରୁ ଭାରତରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ। ଏହା ମଧ୍ୟରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏଣୁ ସେପ୍ଟେମ୍ବର ମାସ ଭାରତୀୟ କ୍ରିକେଟ ଓ ହକି ଲାଗି ବ୍ୟସ୍ତ ରହିବ।

## ଅହମଦାବାଦ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ 'ବିଡ୍' ଲାଗି କ୍ୟାବିନେଟ ସ୍ୱୀକୃତି

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ୟାବିନେଟ୍‌ର ମୋହର ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହା ପାସ୍ ହୋଇଛି ଓ ଅହମ୍ମଦାବାଦ୍‌କୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଅହମ୍ମଦାବାଦ୍‌ରେ ସମସ୍ତ ଖେଳ ଲାଗି ଉନ୍ନତ ସୁବିଧା ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଡ଼ ଦାଖଲର ଶେଷ ତାରିଖ ହେଉଛି ଅଗଷ୍ଟ ୩୧ ତାରିଖ। ଏହାର ଅର୍ଥ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରିବାକୁ ହେବ। ଶେଷଥର ଭାରତ ୨୦୧୦ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗ୍ଲାସ୍‌ଗୋରେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଜେନେରାଲ ଆସେମ୍ବ୍ଲିରେ କେଉଁ ଦେଶ ଆୟୋଜନ କରିବା ତାହା ସ୍ଥିର ହେବ। ୨୦୩୦ ଲାଗି ଆଶାୟୀ ଥିବା କାନାଡା ଓହରିଯିବାରୁ ଭାରତର ଆୟୋଜନ କରିବା ଆଶା ଦୃଢ଼ୀଭୂତ ହୋଇଛି।

## ଆଜିଠାରୁ ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୨୭।୮ (ଏଜେନ୍ସି): ଜୋନାଲ ଫର୍ମାଟକୁ ଫେରିଥିବା ଦୁଲୀପ ଟ୍ରଫି କ୍ରିକେଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ପ୍ରଥମ ଦିନ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ଦୀପ ପଟ୍ଟନାୟକ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଦଳରେ ରହିଛନ୍ତି।

**ବୁଚି ବାବୁ କ୍ରିକେଟ**

## ଜମ୍ମୁ-କଶ୍ମୀରର ଇନିଂସ୍ ଅଗ୍ରଣୀ

କଟକ,୨୭।୮ (ସମିସ): ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜମ୍ମୁ ଓ କଶ୍ମୀର ଓଡ଼ିଶା ବିପକ୍ଷରେ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ପ୍ରଥମ ପାଳି ୩୧୪ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପାରସ ଡୋଗ୍ରା ୧୪୧ରନ, କୱଲପ୍ରୀତ ସିଂହ ୫୦ରନ ଏବଂ ନିମ୍ନକ୍ରମର ବ୍ୟାଟର ଆବିଦ ମୁସ୍ତାକ ୭୧ରନ କରିଥିଲେ। ଓଡ଼ିଶା ତରଫରୁ ସୟଦ ଟି ଅହମ୍ମଦ ସର୍ବାଧିକ ୪ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ୩ଟି ୱିକେଟ ମିଳିଥିଲା। ବୁଧବାର ୨ୟ ଦିନରେ ଓଡ଼ିଶା ଦ୍ୱିତୀୟ ପାଳିରେ ଏମ୍‌ଟି ମୁଣ୍ଡେ (୬)ଙ୍କ ୱିକେଟ ହରାଇ ୬ରନ କରିଛି।


**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**


## ରେକର୍ଡ ସହ ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୮ (ସମିସ)



ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଆଉ ଜଣେ ଓଡ଼ିଆ ପ୍ରତିଯୋଗୀ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଭାରୋତ୍ତୋଳକଙ୍କଠାରୁ ଏହାକୁ ମିଶାଇ ତୃତୀୟ ସ୍ୱର୍ଣ୍ଣପଦକ ମିଳିଛି। ପୂର୍ବରୁ ବିଦୁସ୍ମିତାଙ୍କ ବଡ଼ ଭଉଣୀ ପ୍ରୀତିସ୍ମିତା ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଦେଶ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଗତକାଲି ମିନା ସାନ୍ତା-ଏ' କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ପାଇଥିଲେ। ଆଜି ବିଦୁସ୍ମିତା କନିଷ୍ଠ ବିଭାଗ ୬୩ କିଲୋ କାଟାଗୋରୀରେ ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୯, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଓ ମୋଟ ୨୦୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ସେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିଥିଲେ। ୬୩ କେଜି ଯୁଥ୍‌ରେ ଭାଗ ନେଇଥିବା ଟିଂକି ମୋହିନୀ ମଲିକ କିନ୍ତୁ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଓ ମୋଟରେ ୧୬୨ କେଜି ଓଜନ ଉଠାଇ ୫ମ ସ୍ଥାନରେ ରହିଛନ୍ତି। ବିଦୁସ୍ମିତା ଢେଙ୍କାନାଳର ହାଇପରଫର୍ମାନ୍ସ ସବ୍ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS